


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୩ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 13 JANUARY 2024

Vol.No. 35 ■ No.13 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାଷ୍ଟ୍ର ଉଦ୍ଦେଶ୍ୟରେ ଅଟଳ ସେତୁ ସମର୍ପିତ: ପିଏମ୍ ମୋଦୀ କଲେ ଉଦ୍‌ଘାଟନ



ନୂଆଦିଲ୍ଲୀ, ୧୨/୧ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଅଟଳ ସେତୁର ଲୋକାର୍ପଣ କରିଛନ୍ତି। ଏହା ହେଉଛି ଦେଶର ଦୀର୍ଘତମ ସମୁଦ୍ର ସେତୁ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାଁରେ ଏହାକୁ ନାମିତ କରାଯାଇଛି। ଏହା ମୁମ୍ବାଇ ଓ ନଭି ମୁମ୍ବାଇକୁ ସଂଯୋଗ କରୁଛି। ଏହି ସେତୁର ଲମ୍ବ ୨୧.୮ କିଲୋମିଟର। ଏଥିରୁ ୧୬.୫ କିଲୋମିଟର ସମୁଦ୍ର ଉପରେ ରହିଛି। ବାକି ଅଂଶ ଭୂମି ଉପରେ ରହିଛି। ଅଟଳ ସେତୁ ମୁମ୍ବାଇର ସେୱ୍ରୀରୁ ବାହାରି ରାୟଗଡ଼ ଜିଲ୍ଲାର ଦହୱା ଶେୱାରେ ଶେଷ ହୋଇଛି। ଏହି ସେତୁରେ ୬ଟି ଲେନ୍ ରହିଛି। ଏହାକୁ ନିର୍ମାଣ କରିବାକୁ ୧୭, ୮୪୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ସେତୁ ଭାରତୀୟ ଇଞ୍ଜିନିୟରିଂର ଏକ ବଳିଷ୍ଠ ଉଦାହରଣ। ଅଟଳ ସେତୁ ଯୋଗୁ ମୁମ୍ବାଇ-ନଭି ମୁମ୍ବାଇ ମଧ୍ୟରେ ଯା'ଆସ କରିବାର ସମୟ ହ୍ରାସ ପାଇଯିବ। ପୂର୍ବରୁ ମୁମ୍ବାଇରୁ ନଭି ମୁମ୍ବାଇକୁ ୨ ଘଣ୍ଟା ଲାଗୁଥିବା ବେଳେ ଏବେ ୧୫ରୁ ୨୦ ମିନିଟ୍ ଲାଗିବ। ଏହା ସେତୁ ଯୋଗୁ ଟ୍ରାଫିକ୍ ସମସ୍ୟା ଦୂର ହେବ। ଉଭୟ ମୁମ୍ବାଇ ଅନ୍ତର୍ଜାତୀୟ ବିମାନ ବନ୍ଦର ଓ ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଯୋଗାଯୋଗକୁ ଏହି ସେତୁ ଉନ୍ନତ କରିବ। ମୁମ୍ବାଇରୁ ପୁନେ, ଗୋଆ ଓ ଦକ୍ଷିଣ ଭାରତକୁ ଯାତ୍ରା କରିବାକୁ ଯେତିକି ସମୟ ଲାଗୁଥିଲା, ତାହା ହ୍ରାସ ପାଇଯିବ। ମୁମ୍ବାଇ ବନ୍ଦର ଓ ଜବାହରଲାଲ ନେହରୁ ବନ୍ଦର ମଧ୍ୟରେ ଯୋଗାଯୋଗକୁ ଉନ୍ନତ କରିବ। ୨୦୧୬ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଟଳ ସେତୁର ଶିଳାନ୍ୟାସ କରିଥିଲେ। ଏହାକୁ ନିର୍ମାଣ କରିବାକୁ ୭ ବର୍ଷ ଲାଗିଗଲା। ଅଟଳ ସେତୁ ଉପରେ ସମସ୍ତ ପ୍ରକାର ଗାଡ଼ି ଚଳାଚଳ କରିପାରିବ ନାହିଁ। ମୋଟର ସାଇକେଲ, ମୋପେଡ୍, ତିନି ଚକିଆ ଯାନ, ଟ୍ରାକ୍ଟର ଓ ପ୍ରାଣୀଧନଙ୍କୁ ନେଇ ଯାଉଥିବା ଗାଡ଼ି ତଥା ଧିମା ଗତିରେ ଚାଲୁଥିବା ଗାଡ଼ିଗୁଡ଼ିକ ଏହା ଉପରେ ଚାଲି ପାରିବ ନାହିଁ। ଅଟଳ ସେତୁ ଉପରେ କାର, ଟ୍ୟାକ୍ସି, ହାଲୁକା ମୋଟର ଯାନ, ମିନି ବସ୍ ଓ ଟୁ ଏକ୍ସେଲ ବସ୍ ଗୁଡ଼ିକ ଘଣ୍ଟା ପ୍ରତି ୧୦୦ କିମି ବେଗରେ ଯାଇପାରିବେ। ସେତୁରେ ପ୍ରବେଶ କରିବା ତଥା ସେତୁରୁ ବାହାରିବା ବେଳେ ଗାଡ଼ିର ବେଗ ଘଣ୍ଟା ପ୍ରତି ୪୦ କିମି ରଖିବାକୁ କୁହାଯାଇଛି। ଏହି ସେତୁରେ ଯାତ୍ରା କରିବା ପାଇଁ ଯେଉଁ ଟୋଲ୍ ଆଦାୟ କରିବାକୁ ସ୍ଥିର କରାଯାଇଛି, ତାକୁ ନେଇ ବିବାଦ ଦେଖାଯାଇଛି। ଗୋଟିଏ କାର୍ ଏହି ବ୍ରିଜ୍‌ରେ ଥରେ ଅତିକ୍ରମ କଲେ ଟୋଲ ବାବଦକୁ ୨୫୦ ଟଙ୍କା ଦେବ। ଯଦି ଉକ୍ତ କାର ସେହି ବ୍ରିଜ୍‌ରେ ପୁଣି ଫେରିବ ବା ରିଟର୍ଣ୍ଣ ଜର୍ଣ୍ଣି କରିବ, ତା'ହେଲେ ୩୭୫ ଟଙ୍କା ଦେବ। ଏହାକୁ ବିରୋଧୀ ଦଳ ଗୁଡ଼ିକ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନିକ ଅଧିକାରୀମାନେ ଯୁକ୍ତି ବାଢ଼ିଛନ୍ତି ଯେ ଏହି ସେତୁ ଦେଇ ଯା'ଆସ କଲେ ତେଲ ଖର୍ଚ୍ଚ ବଞ୍ଚିବ। ଗୋଟିଏ ଥର ଏ ସେତୁ ଦେଇ ଗଲେ ୫୦୦ ଟଙ୍କା ବଞ୍ଚିବ।

## ଆଜିଠୁ ବାଲେଶ୍ୱରରେ ଚାଲିବ ନୂଆ ମେମୁ ଟ୍ରେନ



ବାଲେଶ୍ୱର, ୧୨/୧ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ନୂଆବର୍ଷରେ ଓଡ଼ିଶାକୁ ଗୋଟିଏ ନୂଆ ମେମୁ ଟ୍ରେନ ଉପହାର ଦେଇଛନ୍ତି । ଗୋପିନାଥପୁର-ନୀଳଗିରି-ବାଲେଶ୍ୱର ମଧ୍ୟରେ ନୂଆ ମେମୁ ଟ୍ରେନ ସେବାକୁ ଆସନ୍ତାକାଲି ପତକା ହଲାଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକାର୍ପଣ କରିବେ । ସୂଚନା ଅନୁସାରେ, ଆସନ୍ତାକାଲି ଜାନୁୟାରୀ ୧୩ତାରିଖରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୋପୀନାଥପୁର-ନୀଳଗିରି-ବାଲେଶ୍ୱର ନୂଆ ମେମୁ ଟ୍ରେନ ସେବାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ବାଲେଶ୍ୱର-ଗୋପୀନାଥପୁର-ନୀଳଗିରି ଯାତ୍ରୀବାହୀ ଲାଇନ୍ ଲୋକାର୍ପଣ ଏବଂ ସବୱେ(ଉପମାର୍ଗ) ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସହ ବେତନଟୀ ରେଳ ଷ୍ଟେସନରେ ପିଆରଏସ୍ ବୁକିଂ କାଉଣ୍ଟରର ଉଦଘାଟନ କରିବେ । ଗୋପୀନାଥପୁର-ନୀଳଗିରି ଓ ବାଲେଶ୍ୱର ମଧ୍ୟରେ ନୂତନ ଯାତ୍ରୀବାହୀ ଲାଇନ୍ ଉଦଘାଟନ ହେବା ସହିତ ଏହି ଅଂଚଳରେ ଲୋକମାନେ ପ୍ରଥମଥର ପାଇଁ ଯାତ୍ରୀବାହୀ ଟ୍ରେନ ସେବା ପାଇପାରିବେ । ୩ଯୋଡ଼ି ମେମୁ ଟ୍ରେନ ପ୍ରତିଦିନ ଏହି ମାର୍ଗରେ ଚଳାଚଳ କରିବ। ସେହିପରି ▶▶ପୃଷ୍ଠା ୭

## ସ୍ୱଳ୍ପ ଦୂରଗାମୀ ଆକାଶ-ଏନଜି କ୍ଷେପଣାସ୍ତ୍ରର ପରୀକ୍ଷଣ



ବାଲେଶ୍ୱର, ୧୨/୧ (ନି.ପ୍ର): ଦେଶୀ ଜ୍ଞାନକୌଶଳରେ ନିର୍ମିତ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ଆକାଶ-ଏନଜିର ବ୍ୟବହାରିକ ପରୀକ୍ଷଣ ଚାନ୍ଦିପୁର ଆଇଟିଆର ପକ୍ଷରୁ କରାଯାଇଛି। ଆଜି ଦିନ ୧୧ଟା ୧୦ ମିନିଟରେ ଏହାର ପରୀକ୍ଷଣ କରାଯାଇଥିଲା। ଆକାଶ ସିରିଜର ଏକ ଅତ୍ୟାଧୁନିକ ମିସାଇଲ୍ ହେଉଛି 'ଆକାଶ-ଏନଜି'। ଏହି ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ରର ଲକ୍ଷଭେଦୀ କ୍ଷମତା ୪୦ କିଲୋମିଟର। ଶତ୍ରୁପକ୍ଷର ଯେକୌଣସି ଯୁଦ୍ଧାସ୍ତ୍ରକୁ ଏହା ସହଜରେ ଟାର୍ଗେଟ କରି ଧ୍ୱଂସ କରିପାରିବ। ଏହାର ଲକ୍ଷ୍ୟ ଭେଦୀ କ୍ଷମତା, ଗତିବିଧି ଏବଂ ଯୋଗାଯୋଗ କ୍ଷମତାକୁ ଆଇ.ଟି.ଆର. ଟେଲିମେଟ୍ରିକ ରାଡାର ସିଷ୍ଟମ ଦ୍ୱାରା ଯାଞ୍ଚ କରାଯାଇଥିଲା।

## ବନ୍ଧା ହେଲେ ଓଏମଭିଡି ଟ୍ରାଫିକ ଇନ୍ସପେକ୍ଟର ଜିତେନ୍ଦ୍ର ବେହେରା



ଅନୁଗୋଳ, ୧୨/୧ (ନି.ପ୍ର): ଅନୁଗୋଳ ଜିଲ୍ଲା ତାଳଚେର ଆରଟିଓର ଓଏମ୍‌ଭିଡି (ଓଡ଼ିଶା ମୋଟର ଯାନ ବିଭାଗ) ଟ୍ରାଫିକ ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ବେହେରାଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ତାଙ୍କଠାରୁ ମୋଟ ୨୪ ଲକ୍ଷ ୨୭ ହଜାର ୯୦୦ ଟଙ୍କା ଜବତ କରାଯାଇଛି। ଗତକାଲି ରାତିରେ ଜିତେନ୍ଦ୍ର କୁମାର ବେହେରା ଏକ ସ୍କୋଡା ରାପିଡ୍ କାରରେ ତାଳଚେରରୁ ଅନ୍ତରଙ୍ଗ ଯାଉଥିବା ବେଳେ ଭିଜିଲାନ୍ସର ଏକ ଟିମ୍ ତାଙ୍କୁ ଭୁବନେଶ୍ୱରର ବାଲିଅନ୍ତାର ତ୍ରିନାଥ ବଜାର ନିକଟରେ ଅଟକାଇ ଥିଲା। ଯାଞ୍ଚ ବେଳେ ତାଙ୍କ ଠାରୁ ୧୧ ଲକ୍ଷ ୧୯ ହଜାର ୧୫୦ ଟଙ୍କା ବାହାରିଥିଲା। ଏହି ଟଙ୍କା କେଉଁଠାରୁ ଆଣିଥିଲେ ଓ କାହିଁକି ନେଉଥିଲେ, ସେ ନେଇ କିଛି ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ ଜିତେନ୍ଦ୍ର କୁମାର ବେହେରା। ▶▶ପୃଷ୍ଠା ୭

## ୧୨ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି

ଭୁବନେଶ୍ୱର, ୧୨ /୧ (ନି.ପ୍ର): ରାଜ୍ୟ ସରକାର ଆଜି ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ବଦଳି କରିଛନ୍ତି । କଳିଙ୍ଗନଗର ଓ ଜଗତସିଂହପୁରରେ ନୂଆ ଅତିରିକ୍ତ ଜିଲ୍ଲାପାଳ(ଏଡିଏମ)ଙ୍କୁ ନିଯୁକ୍ତି ମିଳିଛି । ମୋଟ ୧୨ଜଣ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି । ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଧୀରେନ୍ଦ୍ରନାଥ କରଙ୍କ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ଭାବେ ହୋଇଥିବା ବଦଳିକୁ ବାତିଲ କରାଯାଇଛି । ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ ବରିଷ୍ଠ ଓଏଏସ୍ ଲଙ୍କେଶ୍ୱର ଅମାତଙ୍କୁ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ସେହିପରି କଟକ ମହାନଗର ନିଗମର ଯୁଗ୍ମ କମିଶନର ଅନୀତା ପାତ୍ରଙ୍କୁ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସକୁଙ୍କୁ କେନ୍ଦୁଝର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଫିସର, ବସନ୍ତ କୁମାର ସେଠୀଙ୍କୁ କେନ୍ଦୁଝର ମ୍ୟୁନିସପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ, ତ୍ରିଲୋଚନ ମହାନ୍ତିଙ୍କୁ କେନ୍ଦୁଝର ଉପଜିଲ୍ଲାପାଳ, ଇପସିତା ପ୍ରିୟଦର୍ଶିନୀ ମିଶ୍ରଙ୍କୁ କଟକ ମହାନଗର ▶▶ପୃଷ୍ଠା ୭

## ଶନିବାର ବସିବ ଇଣ୍ଡିଆ ମେଣ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକ

■ ୧୪ ଦଳର ମୁଖ୍ୟ ଦେବେ ଯୋଗ

■ ଜେଡିୟୁ ମୁଖିଆ ନୀତୀଶ କୁମାରଙ୍କୁ ମିଳିପାରେ ବଡ ଦାୟିତ୍ୱ



ନୂଆଦିଲ୍ଲୀ, ୧୨/୧ : ଶନିବାର ବସିବ ଇଣ୍ଡିଆ ମେଂଟର ଗୁରୁତ୍ୱପୂର୍ଣ୍ଣ ବୈଠକ । ମଲ୍ଲିକାର୍ଜୁନ ଖଡଗେଙ୍କୁ ସଭାପତି, ନୀତିଶ କୁମାରଙ୍କୁ ମିଳିପାରେ ସଂଯୋଜକ ଦାୟିତ୍ୱ । ଲୋକସଭା ନିର୍ବାଚନ ପାଇଁ ସିଟ୍ ଭାଗବଂଟା ଉପରେ ଆସିପାରେ ବଡ଼ ନିଷ୍ପତି । ଭିଡିଓ କନଫରେନ୍ସି ଜରିଆରେ ବସିବାକୁ ଥିବା ଏହି ବୈଠକରେ ୨୦ରୁ ଅଧିକ ବିରୋଧୀ ଦଳ ଯୋଗଦେବେ । ନ୍ୟାସନାଲ ଆଲାଏନ୍ସ କମିଟି ସିଟ୍ ଭାଗବଂଟା ନେଇ ବିଭିନ୍ନ ଦଳ ସହ ଆଲୋଚନା ଜାରି ରଖିଥିବା ବେଳେ ଏହା ଉପରେ ମେଂଟ ବୈଠକରେ ଆଲୋଚନା କରାଯିବ । ଏହି କମିଟି ବର୍ତ୍ତମାନ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଉଦ୍ଧବ ଠାକରେ ଶିବସେନା ଗୋଷ୍ଠୀ, ଏନସିପି, ଆମ ଆଦମୀ ପାର୍ଟି ଏବଂ ସମାଜବାଦୀ ପାର୍ଟି ସହ ଆଲୋଚନା କରିଛି । ଏହାରି ମଧ୍ୟରେ ସିଟ୍ ଭାଗବଂଟାକୁ ନେଇ କଂଗ୍ରେସ ଏବଂ ଟିଏମସି ମଧ୍ୟରେ ବିବାଦ ସାମ୍ନାକୁ ଆସିଛି । ପଶ୍ଚିମବଙ୍ଗରେ ମମତାଙ୍କ ଟିଏମସି କଂଗ୍ରେସକୁ କେବଳ ୨ଟି ସିଟ୍ ଦେବାକୁ ରାଜି ହୋଇଥିବା ବେଳେ ଏହାକୁ ନେଇ ଦୁଇ ଦଳଙ୍କ ମଧ୍ୟରେ ତୁତୁ ମୈଁ ମୈଁ ଜାରି ରହିଛି ।




# ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ କଳା ସଂସାଧନ ସଭ୍ୟଙ୍କ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ

ସୁବର୍ଣ୍ଣପୁର, ୧୨/୧ (ନି.ପ୍ର): ଜିଲ୍ଲାରେ ଲୋକକଳା ମାଧ୍ୟମରେ ଜନସାଧାରଣ ଯେପରି ସରକାରଙ୍କ ଦ୍ୱାରା ପ୍ରୟୋଜିତ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଅବଗତ ହୋଇପାରିବେ ସେଥିପାଇଁ ଜିଲ୍ଲାର ଲୋକକଳାକାରମାନଙ୍କ ଦ୍ୱାରା ପାରମ୍ପରିକ ଲୋକ କଳା ମାଧ୍ୟମରେ ସୂଚନା ଶିକ୍ଷା ଓ ଯୋଗାଯୋଗ ଅଭିଯାନ ସମ୍ପର୍କରେ ଏକ ଦିବାସୀୟ କର୍ମଶାଳା ସ୍ଥାନୀୟ ଜିଲ୍ଲାପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି ଓ ଏହି କ୍ରମରେ ସୁବର୍ଣ୍ଣପୁର ଜିଲ୍ଲାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୁଲ୍ୟରେ ଜିଲ୍ଲାର ୬ ଗୋଟି ବ୍ଲକର ସମସ୍ତ ବି ଏସ ଏସ ଓ, ଉପସଭାପତି ବି କେ ଏସ ଏସ ଓ ୨ ଜଣ କଳା ସଂସାଧନ ସଭ୍ୟଙ୍କ ତାଲିମ ଶିବିର ଆଜି ତା ୧୧/୦୧/୨୪ ରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ପ୍ରଚାର ପ୍ରସାର ଲୋକକଳା ମାଧ୍ୟମରେ କରିବା ପାଇଁ ରାଜ୍ୟସ୍ତରରେ ପ୍ରଶିକ୍ଷକ ଭାବରେ ଜିଲ୍ଲାରୁ ଜେଡ କେଏସଏସଉପ ସଭାପତି ମାନଭଞ୍ଜନ ମିଶ୍ର ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି କ୍ଷ ଜିଲ୍ଲା ସ୍ତରୀୟ ଏହି ଏକ ଦିନିଆ ପ୍ରଶିକ୍ଷଣ ଶିବିର କୁ ଜିଲ୍ଲା ପର୍ଯ୍ୟବେକ୍ଷକ ସଚିବ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଶ୍ରୀଯୁକ୍ତ ପ୍ରବୋଧ ରଥ ଉଦ୍ ଘାଟନ କରି କହିଲେ ଯେ ଏହା ଦ୍ୱାରା ଜିଲ୍ଲା ର କୋଣ ଅନୁକୋଣ ର ଜନସାଧାରଣ ସରକାରଙ୍କ ସମସ୍ତ ଯୋଜନା ସମ୍ବନ୍ଧୀୟ ସୂଚନା ଅବଗତ ହୋଇପାରିବା ସହିତ କଳାକାର ମାନଙ୍କ ପ୍ରତିଭାର ବିକାଶ ସହ ସେମାନଙ୍କ ଆର୍ଥିକ ଉନ୍ନତି ହୋଇ ପାରିବ ବୋଲି ମତ ବ୍ୟକ୍ତ କରି ଜିଲ୍ଲାର ସମସ୍ତ ଛଅଟି ବ୍ଲକର କଳା ସଂସାଧନ ସଭ୍ୟ ତଥା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟକ୍ରମର ବ୍ୟବସ୍ଥିତ ଓ ସଠିକ ପରିଚାଳନା ନିମନ୍ତେ ଉପାଦେୟ ପରାମର୍ଶ ଦେଇଥିଲେ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରି ସରକାରଙ୍କ ଦ୍ୱାରା ପ୍ରସ୍ତୁତ ମାର୍ଗ ଦର୍ଶନର ବିସ୍ତୃତ ଆଲୋଚନା କରିଥିଲେ ଓ ଉପସ୍ଥିତ ଜିଲ୍ଲା ସଂସାଧନ ମାନଭଞ୍ଜନ ମିଶ୍ର ବିଭିନ୍ନ କଲ୍ୟାଣକାରୀ ଯୋଜନା ଯଥା ବିଜୁସ୍ୱାସ୍ଥ୍ୟ କଲ୍ୟାଣ, ମମତା , ହରିଶ୍ଚନ୍ଦ୍ର , ମଧୁବାବୁ ପେନସନ, ମିଶନ ଶକ୍ତି, ଓଡ଼ିଆ ଆଦର୍ଶ ବିଦ୍ୟାଳୟ, ଫସଲ ବୀମା, ଫସଲ ଋଣ, ଆମ ହସ୍ପିଟାଲ, କ୍ରୀଡା, ଆମ ଓଡିଶା ନବୀନ ଓଡିଶା, ଫାଇଭ- ଟି ହାଇସ୍କୁଲ ରୂପାନ୍ତରିକରଣ ସହ ନୂତନ ଆଉ ଚାରି ଗୋଟି ଲୋକ ଯୋଜନା ଯଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ, ଆମ ବ୍ୟାଙ୍କ, ଐତିହ୍ୟ ସ୍ଥଳୀ ବିକାଶ, ଲକ୍ଷ୍ମୀ ବସ ଯୋଜନା ଇତ୍ୟାଦି ଯୋଜନା ସମ୍ବନ୍ଧରେ ବ୍ଲକସ୍ତରୀୟ ପ୍ରଶିକ୍ଷକମାନଙ୍କୁ ଆବଶ୍ୟକ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠିତ ଏହି ଏକ ଦିବସୀୟ ପ୍ରଶିକ୍ଷଣ ଶିବିର କୁ ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ ପରିଚାଳନା କରିଥିବାବେଳେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଏବଂ ଅନ୍ୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବୁଲା ଗୋରୁଙ୍କ ଉପରେ ଫାଇନ୍ ସ୍ଥଗିତ ରଖିବାକୁ ଦୁଗ୍ଧଚାଷୀ ମହାସଂଘର ଦାବି

ଭୁବନେଶ୍ୱର, ୧୨/୧ (ନି.ପ୍ର): ରାଜଧାନୀରେ ଦୁଗ୍ଧ ଉତ୍ପାଦନକାରୀ ଗରିବ ଗୋପାଳମାନଙ୍କୁ ଥଇଥାନ ନ କରି ଓଲଟି ରାସ୍ତାରେ ତାଙ୍କର ଗାଈ ଗୋରୁ ବୁଲିଲେ ଆସନ୍ତା ୧୫ ତାରିଖରୁ ବିଏମ୍‌ସି ତାକୁ ଜବରଦସ୍ତି ଉଠାଇ ନେବବୋଲି ବିଏମ୍‌ସି କମିଶନର ଘୋଷଣା କରିଛନ୍ତି । ଉଠାଇ ନେଇଥିବା ଗାଈ ଗୋରୁଙ୍କୁ ଉପଯୁକ୍ତ ପ୍ରମାଣ ଦେଇ ତାଙ୍କର ମାଲିକମାନେ ଦୁଇଗୁଣା ଫାଇନ୍ ବିଏମ୍‌ସିକୁ ଦେଇ ନିଜ ଖର୍ଚ୍ଚରେ ଗୋସାଳାରୁ ଗାଈ ଗୋରୁ ଆଣିବେ ବୋଲି ବିଏମ୍‌ସି ପକ୍ଷରୁ କମିଶନର ଘୋଷଣା କରିଛନ୍ତି । ରାଜଧାନୀରେ ଗାଈ ଗୋରୁ ରଖି ଜୀବିକା ନିର୍ବାହ କରୁଥିବା କେତେଜଣ ଦୁଗ୍ଧଚାଷୀଙ୍କୁ ଗୁହାଳ ଯୋଗାଇଦେଇ ବିଏମ୍‌ସି ଥଇଥାନ କରିପାରିଛି ବୋଲି ଦୁଗ୍ଧଚାଷୀ ମହାସଂଘ ଓଡ଼ିଶା ରାଜ୍ୟସଭାପତି ରବି ବେହେରା ପ୍ରଶ୍ନ କରିଛନ୍ତି। ବିଏମ୍‌ସି ପକ୍ଷରୁ ସେମାନଙ୍କର ଜୀବନ ଜୀବିକାର ସୁରକ୍ଷା ପାଇଁ ଉଚିତ୍ ପଦକ୍ଷେପ ନିଆନଯାଇ ସେମାନଙ୍କୁ ଥଇଥାନ ଓ ତାଙ୍କର ଗାଈ ଗୋରୁଙ୍କର ସୁକ୍ଷା ପାଇଁ ଯଦି ପଦକ୍ଷେପ ନିଆ ନଯାଇ ଜବରଦସ୍ତି ରାସ୍ତା ଉପରେ ତାଙ୍କର ଗାଈ ଗୋରୁଙ୍କୁ ଉଠାଇ ନିଆଯାଏ, ତାହେଲେ ସେହି ଗୋପାଳକମାନଙ୍କ ପକ୍ଷରୁ ବିଏମ୍‌ସି ଅଫିସ୍ ଭିତରେ ଗାଈ ପୁରାଇ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ କୁହାଯାଇଛି। ସେଥିପାଇଁ ଯଦି କୌଣସି ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିହୁଏ, ବିଏମ୍‌ସି କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଜାରୀ କରାଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ମହାସଂଘର ସଭାପତି ରବି ବେହେରା, ସାଧାରଣ ସମ୍ପାଦକ ନାରାୟଣ ଡାଳୁଆ, ଗୋପାଳକମାନଙ୍କ ପକ୍ଷରୁ ସନାତନ ବେହେରା, ଦେଶପ୍ରିୟ ଦାସ ଓ ବିଜୟ ବେହେରା ଓ ଲକ୍ଷ୍ମୀଧର ମହାଭୋଇ ପ୍ରମୁଖ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ରାଜଧାନୀରେ ବସବାସ କରୁଥିବା ଗୋପାଳକମାନଙ୍କୁ ତୁରନ୍ତ ରାଜୀବ ଗାନ୍ଧୀ ଯୋଜନା ଜରିଆରେ ଗୃହ ଯୋଗାଇ ଦେବାପାଇଁ ସଂଗେ ସଂଗେ ପକ୍କା ଗୁହାଳ ନିର୍ମାଣ ପାଇଁ ତାଙ୍କର ଜୀବନ ଜୀବିକାର ସୁରକ୍ଷାକୁ ଦୃଷ୍ଟି ଦେଇ ସରକାର ପଦକ୍ଷେପ ନେବାକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଦାବି କରିଛି । ଏହାବ୍ୟତୀତ ବିଏମ୍‌ସି ପକ୍ଷରୁ ବିଭିନ୍ନ ଅଞ୍ଚଳରେ ନିର୍ମାଣ ହୋଇଥିବା ଭେଣ୍ଡିଂଜୋନ୍ ମାନଙ୍କରେ ଦୁଇଟି ଲେଖାଏଁ ଦୋକାନ ଦୁଗ୍ଧଜାତ ଦ୍ରବ୍ୟ ଯଥା- କ୍ଷୀର, ଦହି, କ୍ଷୀଅ, ଲହୁଣୀ, ଛେନା ଓ ଅନ୍ୟାନ୍ୟ ମିଠାଯୁକ୍ତ ଖାଦ୍ୟ ପ୍ରଦାର୍ଥ ବିକ୍ରୟ ପାଇଁ ଏହି ଗୋପାଳକମାନଙ୍କୁ ଦୋକାନଗୃହ ଯୋଗାଇ ଦେବାକୁ ଦୁଗ୍ଧଚାଷୀ ମହାସଂଘ ବିଏମ୍‌ସି ପାଖରେ ଦାବି କରିଛି ।

## ଗୋଟିଏ ଦିନରେ ସ୍ୱାମୀ ଓ ସ୍ତ୍ରୀଙ୍କ ଆତ୍ମହତ୍ୟା

ଜୟପୁର, ୧୨/୧ (ନି.ପ୍ର): ସ୍ତ୍ରୀ ଙ୍କ ଆତ୍ମହତ୍ୟା ପରେ ପରେ ସ୍ୱାମୀ ମଧ କଲେ ଆତ୍ମହତ୍ୟା । ଗୋଟିଏ ପରିବାରରୁ ଏକା ଦିନେ ଲିଭିଗଲା ଦୁଇଟି ଜୀବନଦୀପ। କିନ୍ତୁ, ସ୍ୱାମୀ ସ୍ତ୍ରୀଙ୍କ ଆତ୍ମହତ୍ୟାର କାରଣ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ଏପରି ହୃଦୟବିଦାରକ ଘଟଣା ଘଟିଛି ବୈପାରୀଗୁଡା ଥାନା ଅନ୍ତର୍ଗତ ବାଲିଆପଦର ଗାଁ ରେ। ମୃତକ ଦୁଇଜଣ ହେଲେ ଜିନୁ ପରଜା ଏବଂ ତାଙ୍କ ସ୍ତ୍ରୀ ରୁକ୍ମଣୀ ପରଜା। ସୂଚନାନୁସାରେ, ଜିନୁ ନିଜ ତିନି ପୁଅ ଓ ସ୍ତ୍ରୀ କୁ ନେଇ ପରିବାର ସହ ବେଶ ଖୁସିରେ ରହୁଥିଲେ। କିନ୍ତୁ ଗତକାଲି କୌଣସି କଥାକୁ ନେଇ ରୁକ୍ମଣୀଙ୍କ ସହ ଜିନୁଙ୍କ ଯୁକ୍ତି ତର୍କ ହୋଇଥିଲା । ଏହାପରେ ଘର ଭିତରେ ପଶିଯାଇ କବାଟ ବନ୍ଦ କରିଦେଇଥିଲେ ସ୍ତ୍ରୀ। କିଛି ସମୟ ପରେ କବାଟ ନଖୋଲିବାରୁ ପରିବାର ଲୋକେ ଆସି କବାଟ ତାଡି ଦେଖିବାବେଳକୁ ସେ ଏକ ଗାମୁଛା ବେକରେ ଗୁଡ଼ାଇ ଝୁଲି ପଡ଼ିଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ତଳକୁ ଓଲ୍ହାଇ ଥିଲେ କିନ୍ତୁ ପ୍ରାଣବାୟୁ ଆଉ ନଥିଲା। ଏହି ଖବର ପାଇ ତାଙ୍କ ସ୍ୱାମୀ ସଙ୍ଗେ ସଙ୍ଗେ ନିଜ ବାଡ଼ିପଟେ ଶୌଚପାଇଁ ଯିବି କହି ବାହାରିଥିଲେ ଏବଂ ବାଲିଆ ଗଛରେ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିଲେ। ବୈପାରୀଗୁଡା ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି।

## ୧୧୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍ଘାଟିତ

ଜୟପୁର, ୧୨/୧ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ୧୧୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍ଘାଟିତ ହୋଇଯାଇଛି। ଏହାକୁ ଅନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମ ମେହେର। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପୁରୁଣାଗଡ଼ସ୍ଥିତ ହନୁମାନ ମନ୍ଦିରରୁ ମଶାଲ ଆଣି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ ଥିଲା ।କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ସମସ୍ତ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉକି, ଏହି କ୍ରୀଡା ପ୍ରତିଯୋଗିତା ଶାରୀରିକ ଶିକ୍ଷା ଶିକ୍ଷକ ନରେଶ କୁମାର ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ୧୩ ତାରିଖ ଶନିବାର ଦିନ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ପ୍ରଧାନ ଶିକ୍ଷକ ଘୋଷଣା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଲାଙ୍ଗୀରରେ ନୂଆ-ଓ ଜିଲ୍ଲା ଉତ୍ସବ ଅନୁଷ୍ଠିତ

ବଲାଙ୍ଗିର, ୧୨/୧ (ନି.ପ୍ର): ଆଜି ନୂଆ-ଓ ଜିଲ୍ଲା ଉତ୍ସବ ବଲାଙ୍ଗିରର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସ୍ଥିତ ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ "୫-ଟି" ତଥା "ନବୀନ ଓଡ଼ିଶା"ର ଅଧକ୍ଷ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନାମାନ ପ୍ରଣୟନ କରିବା ପାଇଁ ସହ ବଲାଙ୍ଗୀର ଜିଲ୍ଲାର ଯୁବକ ଯୁବତୀମାନଙ୍କ ଶିକ୍ଷା ସମେତ କ୍ରିଡା ଓ ସାଂସ୍କୃତିକ ବିକାଶ ନିମନ୍ତେ ନୂଆ-ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ବଲାଙ୍ଗୀର ଯୁବକ ଯୁବତି ମାନଙ୍କର ଶିକ୍ଷା, କ୍ରିଡା, ସାଂସ୍କୃତିକ ବିକାଶ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ଏବଂ ଏକ ସଶକ୍ତ ବଲାଙ୍ଗୀର ଗଠନରେ ଯୁବବର୍ଗ ଙ୍କ ସହଭାଗିତାକୁ ସୁନିଶ୍ଚିତ କରିବାକୁ ସରକାର ପ୍ରତିଶୃତିବଦ୍ଧ ବୋଲି ପ୍ରକାଶ କରିଥିଲେ । ଯୁବ ସମୟ ଜୀବନର ସ୍ୱର୍ଣ୍ଣିମ ସମୟ । ଏହି ସମୟକୁ ସଦୁପଯୋଗ କରିବା ନିହାତି ଆବଶ୍ୟକ । ଯୁବବର୍ଗ କେବଳ ପାଠରେ ନୁହେ ସବୁ କ୍ଷେତ୍ରରେ ପାରଙ୍ଗମ ହେବା ଦରକାର । ନୂଆ-ଓ ଯୁବବର୍ଗଙ୍କୁ ପ୍ଲାଟଫର୍ମ ଦେବା ସହ ସାମୁହିକ ବିକାଶ ଦିଗରେ ସାହାଜ୍ୟ କରୁଛି । ଏହା ସହ ସେ ପିଲାମାନଙ୍କୁ ଜିତିବା ଅପେକ୍ଷା ବିଭିନ୍ନ ପ୍ରତିଯୋଗିତା ରେ ଭାଗ ନେବାକୁ ଉତ୍ସାହିତ କରିଥିଲେ । କେତେ ଜଣ ସଫଳ ହେବାକୁ ଚାହାନ୍ତି , କେତେ ଜଣ ଅତି କମ ରେ ଅଧ ଘଣ୍ଟା ଏକ୍ସର୍ସାଇଜ୍ କରନ୍ତି , କିଏ ଅତି କମରେ ୧୫ ମିନିଟ ଯୋଗ କରନ୍ତି , କିଏ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନିଅନ୍ତି , କେତେ ପିଲା ଦିନକୁ ୧୪ ଘଂଟା ପରିଶ୍ରମ କରନ୍ତି ଏବଂ ଗୁରୁଜନ ମାନଙ୍କୁ କେତେ ପିଲା ସମ୍ମାନ ଦିଅନ୍ତି ପ୍ରଶ୍ନ ପଚାରି, ଯୁବ ବର୍ଗ ଏହା କରିବାକୁ ଚେଷ୍ଟିତ ହେଲେ ସଫଳ ହେବେ ବୋଲି କହିଥିଲେ । ଉଦାହରଣ ଦେଇ ବଲାଙ୍ଗୀର ର ପାଟଣାଗଡ଼ ରୁ ଯାଇ ସୁବ୍ରତ ବାଗଚି ଆଜି ବହୁତ ବଡ ଉଦ୍ୟୋଗୀ ହେବ ସହ ୨୦୦୦୦ ରୁ ଅଧିକ ରୋଜଗାର ଦେଇଛନ୍ତି । ସୋନପୁର ରୁ ନୀଳମାଧବ ପଣ୍ଡା ଚଳଚିତ୍ର ନିର୍ଦ୍ଦେଶକ ହେଇ ପଦ୍ମଶ୍ରୀ ପାଇଛନ୍ତି । ପାୟଲ ନାମ୍ନୀ ଜଣେ ତିରନ୍ଦାଜି ରେ ପାରା ଅଲିମ୍ପିକ ପାଇଁ ଅଭ୍ୟାସ କରିବା, ତଥା ପୃଥୀରାଜ ଉଚ୍ଚବିଦ୍ୟାଳୟ ର ପୁରାତନ ଛାତ୍ର ପୋଲିସ ଡିଜି ଅରୁଣ ଷଡଙ୍ଗୀ ଏବଂ ଜଷ୍ଟିସ ସଞ୍ଜୟ ମିଶ୍ର ଙ୍କ ପରି ସମସ୍ତଙ୍କୁ ସଫଳତାର ଶୀର୍ଷରେ ପହଂଚିବାକୁ ପ୍ରେରିତ କରିଥିଲେ । ଆକାଶକୁ ହିଁ ସୀମା ଭାବି ସମସ୍ତେ ଉଚ୍ଚ ଚିନ୍ତା କରିବା କୁ କହିଥିଲେ । ଏହି ଉତ୍ସବ ରେ ବିଭିନ୍ନ ରାଜ୍ୟସ୍ତରୀୟ କଳାକାର ମାନଙ୍କ ଦ୍ୱାରା ଷ୍ଟାଣ୍ଡ-ଅପ କମେଡି, ସଙ୍ଗୀତ, ନୃତ୍ୟ ଆଦି କଳା ପରିବେଷଣ କରିଥିଲେ । ଜିଲ୍ଲାର ୧୦୦୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀଙ୍କ ସମାବେଶ ହେଇଥିବା ବେଳେ ସମସ୍ତେ ଏହି କାର୍ଯ୍ୟକ୍ରମର ମଜା ନେଇଥିଲେ । ଏହି କାର୍ଯ୍ୟକ୍ରମ ମାନସୀ ମିଶ୍ର ପରିଚାଳନା କରିଥିଲେ ।

# ସର୍ଭେ ଓ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ବିଳମ୍ବିତ ହେଉଥିବାରୁ ସଂଗ୍ରାମ ସମିତିର ଉଦ୍‌ବେଗ

କୋରେଇ, ୧୨/୧ (ନି.ପ୍ର): ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତିର ଏକ ପ୍ରତିନିଧିଦଳ ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ମନୋଜ ଶର୍ମାଙ୍କୁ ସାକ୍ଷାତକରି ସ୍ମାରକପତ୍ର ପ୍ରଦାନ ସହ ତୁରନ୍ତ ଚୂଡାନ୍ତ ସର୍ଭେ ସମାପ୍ତ ଓ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ଦାବି ଜଣାଇଥିଲେ। ୨୦୨୪ ଫେବୃଆରୀ ପହିଲାରେ ଆଗାମୀ ଆର୍ଥିକ ବର୍ଷ ପାଇଁ ବଜେଟ ଆଗତ ହେବାକୁ ଥିବାରୁ ପ୍ରକଳ୍ପ ରିପୋର୍ଟଟି ତାହା ପୂର୍ବରୁ ରେଳ ମନ୍ତ୍ରଣାଳୟ ତଥା କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ଲାଭ କରିବା ଜରୁରୀ ବୋଲି ପ୍ରତିନିଧି ଦଳପକ୍ଷରୁ ଯୁକ୍ତି କରାଯାଇଥିଲା। ସର୍ଭେ ଓ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି କାର୍ଯ୍ୟ କ୍ଷିପ୍ରତାର ସହ ଚାଲିଲେ ମଧ୍ୟ ମାର୍ଚ୍ଚ ମାସ ପୂର୍ବରୁ ଶେଷ ହେବା ସମ୍ଭବ ନୁହେଁ ବୋଲି ମହାପ୍ରବନ୍ଧକ ଶ୍ରୀ ଶର୍ମା ଜଣାଇଥିଲେ। ବଜେଟରେ ଏହି ପ୍ରକଳ୍ପ ପାଇଁ ବ୍ୟୟବରାଦ କରା ନ ଗଲେ ମଧ୍ୟ ମଞ୍ଜୁରୀ ମିଳିଲା ମାତ୍ରେ ନିର୍ମାଣ କାର୍ଯ୍ୟ ଯେକୌଣସି ସମୟରେ ଆରମ୍ଭ ହୋଇପାରିବ ବୋଲି ଦର୍ଶାଇଥିଲେ। ବର୍ତମାନ ଗୃହୀତ ହେଉଥିବା ବଜେଟରେ ପାଣ୍ଠିର ଏପରି ବ୍ୟବସ୍ଥା ରହୁଛି ବୋଲି ସେ ଉଲ୍ଲେଖ କରିଥିଲେ। ମହାପ୍ରବନ୍ଧକଙ୍କ ଏହି ବକ୍ତବ୍ୟ ପରେ ସଂଗ୍ରାମ ସମିତିର ପ୍ରତିନିଧି ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି ଏବଂ ଆଗାମୀ ଜାନୁଆରୀ ୨୮ ତାରିଖରେ ଯାଜପୁର ରୋଡରେ ସଂଗ୍ରାମ ସମିତିର ବୈଠକ ଅନୁଷ୍ଠିତ ହୋଇ ପରବର୍ତୀ କାର୍ଯ୍ୟକ୍ରମ ଚୂଡାନ୍ତ କରାଯିବାକୁ ଘୋଷଣା କରାଯାଇଛି। ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତିର ଆବାହକ ଶ୍ରୀ ସନ୍ତୋଷ ଦାସଙ୍କ ସମେତ ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ମଳୟ କୁମାର ପଣ୍ଡା, ରବିନାରାୟଣ ବେହେରା, ସତ୍ୟପ୍ରକାଶ ବେହୁରିଆ, ସରୋଜ କୁମାର ପାଢୀ, ଦୁର୍ଗାଚରଣ ବାରିକ ଓ ନିର୍ମଳ ରଥପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ହୋଇଥିଲେ।

# ସାଧାରଣତନ୍ତ୍ର ଦିବସ-୨୦୨୪ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୨/୧ (ନି.ପ୍ର): ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୪ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୨୬ ପ୍ରତ୍ୟୁଷ ୪.୩୦ ମିନିଟ୍ ସମୟରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ପୌରାଂଚଳରେ ରାମଧୂନ୍ ପ୍ରଚାର ଓ ସକାଳ ୭.୩୦ମିନିଟ୍ ସମୟରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ବାଣିଜ୍ୟାନୁଷ୍ଠାନ ଓ ନିଜସ୍ୱ ଗୃହମାନଙ୍କରେ ଜାତୀୟ ପତାକା ଉତୋଳନ କରି ସନ୍ଧ୍ୟା ପୂର୍ବରୁ ସମ୍ମାନର ସହ ପତାକା ଅବତରଣ କରାଯିବ। ସକାଳ ୮.୩୦ମିନିଟ୍ ସମୟରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ, ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ, ଅଭିଭାଷଣ ପ୍ରଦାନ କରାଯିବ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯିବ। ଏହା ପୂର୍ବରୁ ଜିଲ୍ଲା ଶିକ୍ଷାଧିକାରୀ ସ୍କୁଲ୍ କଲେଜ୍ ଛାତ୍ରଛାତ୍ରୀ ଓ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ଦେଶଭକ୍ତି ସଙ୍ଗୀତ ଓ ଚିତ୍ରକଳା ପ୍ରତିଯୋଗିତା କରାଇବେ। ଏହି ବୈଠକରେ ଡକ୍ଟର ପିକେ ପ୍ରହରାଜ, ଆର୍‌ଟିଓ ଧୀରେନ୍ଦ୍ର କୁମାର ନାୟକ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ରଂଜିତ ଦାସ, ପୂର୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଆଜାମୁଦ୍ଦିନ୍ ଖାନ୍, ଆର୍‌ଆଇ ପ୍ରସାନ୍ତ କୁମାର ରଣସିଂହ, ଜିଲ୍ଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ଏହି ବୈଠକରେ ବରିଷ୍ଠ ରାଜସ୍ୱ ସହାୟକ ପ୍ରଦୀପ କୁମାର ଦାସ, ନିକ୍ଷେପକ ମଧୁସୂଦନ ମଲ୍ଲିକ, କନିଷ୍ଠ ରାଜସ୍ୱ ସହାୟକ ଜୟଶ୍ରୀ ସାହୁ, ତପନ କୁମାର ପରିଡ଼ା ଓ ରଞ୍ଜନ କୁମାର ବେହେରା ସହାୟତା କରିଥିଲେ।

# ବିନା ଡ୍ରେନେଜ ବ୍ୟବସ୍ଥାରେ ରୋଡ ନିର୍ମାଣ କରିବା ପଡ଼ିଲା ମହଙ୍ଗା: ବାଣପୁର ଏନଏସିକୁ ହାଇକୋର୍ଟଙ୍କ ଛାଟ

ଖୋର୍ଦ୍ଧା, ୧୨/୧ (ନି.ପ୍ର): ବାଣପୁର ଏନଏସି କୁ ଓଡ଼ିଶା ହାଇକୋର୍ଟଙ୍କ ଛାଟ । ବିନା ଡ୍ରେନେଜ ବ୍ୟବସ୍ଥାରେ ପେଭର ବ୍ଲକ ରୋଡ ନିର୍ମାଣ କରିବା ପଡ଼ିଲା ମହଙ୍ଗା । ସୀମିତ ସମୟସୀମା ମଧରେ ଆବେଦନକାରୀଙ୍କ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ । ସୂଚନା ମୁତାବକ ଖୋର୍ଦ୍ଧା ଜିଲ୍ଲା ବାଣପୁର ଏନଏସି ର ୱାର୍ଡ ୧୦ ରେ ଗତ ବର୍ଷ ସେପ୍ଟେମ୍ବର ମାସରେ ପେଭର ବ୍ଲକ ରୋଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ତେବେ ଉକ୍ତ ୱାର୍ଡର ଏକାଧିକ ଘର ତଳିଆ ଅଂଚଳରେ ରହିଥିବା ବେଳେ ବିନା ଡ୍ରେନେଜ ବ୍ୟବସ୍ଥାରେ ପୁରୁଣା କଂକ୍ରିଟ ରୋଡ ଉପରେ ପେଭର ବ୍ଲକ ରୋଡ ନିର୍ମାଣ କରାଯାଇଥିଲା । ଫଳରେ ଉକ୍ତ ୱାର୍ଡର ବାସିନ୍ଦା ଜନୈକ ଆଇନଜୀବୀ ସୀତାରାମ ଅଗ୍ରୱାଲଙ୍କ ସମେତ ଏକାଧିକ ବାସିନ୍ଦାଙ୍କ ଘରେ ବର୍ଷାଜଳ ପ୍ରବେଶ କରିଥିଲା । ତେବେ ଏ ନେଇ ଆଇନଜୀବୀ ଶ୍ରୀ ଅଗ୍ରୱାଲ ବାଣପୁର ଏନଏସି କର୍ତ୍ତୃପକ୍ଷଙ୍କ ସମେତ ଜିଲ୍ଲା ପ୍ରଶାସନ ଓ ନଗର ଉନ୍ନୟନ ବିଭାଗକୁ ଉକ୍ତ ସମସ୍ୟାର ସମାଧାନ ପାଇଁ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏନଏସି ପ୍ରଶାସନ ଅଭିଯୋଗକାରୀଙ୍କ ସମସ୍ୟାର ସମାଧାନ କରିବା ଦିଗରେ ବିଫଳ ହେବାରୁ ବାଧହୋଇ ଗତ ବର୍ଷ ଡିସେମ୍ବର ୨୦ ତାରିଖରେ ଆଇନଜୀବି ସୀତାରାମ ଅଗ୍ରୱାଲ ଏ ନେଇ ହାଇକୋର୍ଟଙ୍କ ନିକଟରେ ଏକ ରିଟ ପିଟିସନ ଦାଖଲ କରିଥିଲେ। ଚଳିତ ମାସ ୯ ତାରିଖରେ ଉକ୍ତ ରିଟ ପିଟିସନର ଶୁଣାଣି କରି ଓଡ଼ିଶା ହାଇକୋର୍ଟର ବିଚାରପତି ବିଭୁ ପ୍ରସାଦ ରାଉତରାୟ ୩ ମାସ ମଧ୍ୟରେ ଆଇନ ଅନୁଯାୟୀ ଆବେଦନକାରୀଙ୍କ ସମସ୍ୟାର ସମାଧାନ କରିବାକୁ ବାଣପୁର ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଣିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଉକ୍ତ ମାମଲାକୁ ବରିଷ୍ଠ ଆଇନଜୀବୀ ଜୟଦେବ ବେହେରା ଓ ସନ୍ଦୀପ କୁମାର ମହାପାତ୍ର ପରିଚାଳନା କରୁଥିଲେ ।

## ଅଜଣା ଗାଡି ଧକ୍କାରେ ଯୁବକ ମୃତ

ଧର୍ମଶାଳା, ୧୨/୧ (ନି.ପ୍ର): ୧୬ ନଂ ଜାତୀୟ ରାଜପଥରେ ପୁଣି ଦୁର୍ଘଟଣା । ଏହି ଦୁର୍ଘଟଣାରେ ଜଣେ ଯୁବକର ଜୀବନ ଯାଇଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ୧୬ ନଂ ଜାତୀୟ ରାଜପଥ କଟକ-ପାଣିକୋଇଲି ରାସ୍ତା ଚଣ୍ଡିଖୋଲ ନିକଟରେ । ଗୁରୁବାର ଦିନ ପାହାନ୍ତାରେ ସମୟରେ ଏକ ଅଜଣା ଗାଡି ଧକ୍କାରେ ଭଦ୍ରକ ବାସୁଦେବପୁର ଅଂଚଳର ଜୟନ୍ତ କୁମାର ସ୍ୱାଇଁଙ୍କର ମୃତ୍ୟୁ ଘଟିଛି । ଖବର ପାଇ ଚଣ୍ଡିଖୋଲ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପଂହଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ନିକଟସ୍ଥ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଛି । ତେବେ ଏହି ଦୁର୍ଘଟଣା କିପରି ଘଟିଲା ସେନେଇ ତଦନ୍ତ ଜାରି ରଖିଛି ।

# ଉପଭୋକ୍ତାଙ୍କୁ ଠକୁଛି ବିଦ୍ୟୁତ ବିତରକ ଟାଟା କମ୍ପାନୀ: ଅଦାଲତର ଦ୍ୱାରସ୍ଥ ହେବେ ଉପଭୋକ୍ତା

କୋରେଇ, ୧୨/୧ (ନି.ପ୍ର): ରାଜ୍ୟ ସରକାର ଟାଟା କମ୍ପାନୀ ଭଳି ଏକ ବାହାର ରାଜ୍ୟର ଘରୋଇ କମ୍ପାନୀ ହାତରେ ରାଜ୍ୟର ବିଦ୍ୟୁତ ସେବାକୁ ଟେକି ଦେଇ ଅଚିନ୍ତା ନିଦ୍ରାରେ ଶୋଇ ପଡ଼ିଥିବା ବେଳେ କମ୍ପାନୀ କର୍ତ୍ତୁପକ୍ଷ କିନ୍ତୁ ରାଜ୍ୟରେ ହିଟଲରୀ ଶାସନ ଚଳାଇଛନ୍ତି। କେଉଁଠି ଚେକିଂ କରିବା ନାରେ ଟାଟା ପାୱାରର ଅଣ ଓଡ଼ିଆ କର୍ମଚାରୀମାନେ ଜୋର ଜବରଦସ୍ତ ଘରେ ପଶି ଉପଭୋକ୍ତାଙ୍କୁ ଦୁର୍ବବ୍ୟବହାର କରିବା ସହିତ ମନଇଚ୍ଛା ଫାଇନ କାଟୁଛନ୍ତି ତ କେଉଁଠି ତ୍ରୁଟିପୂର୍ଣ ବିଦ୍ୟୁତ ବିଲ ଦେଇ ଉପଭୋକ୍ତା ମାନଙ୍କୁ ଶୋଷଣ କରିବା ସହିତ ଲାଇନ କାଟି ଦେବାର ଧମକ ଦେଉଛନ୍ତି। ତେବେ ଟାଟା କମ୍ପାନୀର ଦୌରାତ୍ମ୍ୟରୁ ବାଦ ପଡୁ ନାହାନ୍ତି ବିପିଏଲ ଉପଭୋକ୍ତା। କେନ୍ଦ୍ର ସରକାର ୨୦୨୧ ମସିହାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଉପଭେକ୍ତା ମାନଙ୍କୁ ସ୍ୱଳ୍ପ ମୁଲ୍ୟରେରେ ବିଦ୍ୟୁତ ଯୋଗାଇ ଦେବା ଲାଗି ସୌଭାଗ୍ୟ ଯୋଜନା ଆରମ୍ଭ କରିଥିବା ବେଳେ କେନ୍ଦ୍ର ସରକାରଙ୍କ ସହିତ ରାଜନୈତିକ ଦ୍ୱନ୍ଦ ଲାଗି ସାଧାରଣ ଉପଭୋକ୍ତା ମାନଙ୍କୁ ରାଜ୍ୟ ସରକାର ଟାଟା କମ୍ପାନୀ ମାଧ୍ୟମରେ ବକେୟା ବିଦ୍ୟୁତ ବିଲ ବାବାଦରେ ବିଲ ପଠାଇ ଜୁଲମ ଆରମ୍ଭ କରିଛି। ଉପଭୋକ୍ତା ମାନେ ଟାଟା ପାୱାରର ଶୋଷଣରେ ଅତିଷ୍ଠ ହୋଇ ଏ ଅଫିସରୁ ସେ ଅଫିସକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଲାଇନ କଟିଯିବା ଭୟରେ ଚୁପ ହୋଇ ବସି ଉକ୍ତ ବିଲକୁ ଦେବା ଲାଗି ବାଧ୍ୟ ହେଉଛନ୍ତି। ସୁଚନାନୁସାରେ ଟାଟା କମ୍ପାନୀର ପାଣିକୋଇଲି ବିଦ୍ୟୁତ ଉପଖଣ୍ଡ ଅଧିକାରୀ ତଥା ସେକ୍ସନ ଅଧିନସ୍ଥ କାଙ୍କଳାପାଟଣା ଗ୍ରାମର ସୁମିତ୍ରା ସାହୁ (ଉପଭୋକ୍ତା ନମ୍ବର ୬୧୧୪୧୩୧୫୦୯୭୭) ଗତ ୨୦୨୧ ମସିହାରେ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନିଜ ଘରକୁ ବିଦ୍ୟୁତ ସଂଯୋଗ ନେଇଥିଲେ। ତେବେ ପ୍ରତି ମାସର ବିଲ ବାବାଦରେ ସୁମିତ୍ରା ପ୍ରତ୍ୟେକ ମାସରେ ନିଜର ବିଦ୍ୟୁତ ବିଲ ପୈଠ କରି ଆସୁଥିଲେ। ତେବେ ଟାଟା କମ୍ପାନୀ ଆସିବା ପରେ ତାଙ୍କର ଚାଲୁଥିବା ପୁରୁଣା ମିଟର (ନେସ୍କୋ)କୁ ତ୍ରୁଟିପୂର୍ଣ ଦର୍ଶାଣ ବଦଳାଇ ନୁଆ ଟାଟା କମ୍ପାନୀର ମିଟର (ମିଟର ନମ୍ବର ଟିପିଏନଓଡ଼ିଏଲ୫୧୧୮୧୭୦୪) ଲଗାଇଥିଲେ । ତେବେ ଚଳିତ ମାସର ବିଦ୍ୟୁତ ବିଲ ୧୬.୭୩୫ ଟଙ୍କା ଆସିଛି ଯାହାକୁ ନେଇ ସୁମିତ୍ରା ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। । ତେବେ ବକେୟା ବାବଦରେ ସୁମିତ୍ରାଙ୍କର ଗତ ନଭେମ୍ବର -ଡ଼ିସେମ୍ବର ମାସର ବିଲରେ ୪୦୭୫ ଟଙ୍କା ଆସିଥିବା ବେଳେ ଡ଼ିସେମ୍ବର -ଜାନୁୟାରୀ ମାସର ବିଲରେ ତାହା ୧୬.୪୫୦ଟଙ୍କା ଆସିଛି। ଚଳିତ ମାସ ତାଙ୍କର ବିଦ୍ୟୁତ ବ୍ୟବହାରର ବିଲ ମାତ୍ର ୨୮୫ ଟଙ୍କା ହୋଇଥିବା ବେଳେ ତ୍ରୁଟିପୂର୍ଣ ବିଲ ପଠାଇ ଲାଇନ କାଟି ଦେବାର ଧମକ ଦେଉଛନ୍ତି ଟାଟା ପାୱାରର କର୍ମକର୍ତା। କେବଳ ସୁମିତ୍ରା ନୁହେଁ ପାଣିକୋଇଲି ଉପଖଣ୍ଡ କାର୍ଯ୍ୟାଳୟ ଅଧିନସ୍ଥ ଅନେକ ଉପଭୋକ୍ତାଙ୍କ ନିକଟକୁ ଏଭଳି ମନଇଚ୍ଛା ତଥା ତ୍ରୁଟିପୂର୍ଣ ବିଦ୍ୟୁତ ବିଲ ପଠାଇ ଗ୍ରାହକ ମାନଙ୍କୁ ଶୋଷଣ କରୁଛି ଟାଟା କମ୍ପାନୀ। ଏ ନେଇ ଖାଉଟି ଅଦାଲତର ଦ୍ୱାରସ୍ଥ ହେବା ସହିତ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି ଚରମ ବାଣୀ ଶୁଣାଇଛନ୍ତି ସୁମିତ୍ରା ସାହୁ। ଗୋଟିଏ ପଟେ ବାହାର ରାଜ୍ୟ ଗୁଡ଼ିକରେ ୨୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ବିଲ ଛାଡ଼ ଥିବା ବେଳେ ଓଡ଼ିଶାରେ ବିଦ୍ୟୁତ ଉତ୍ପାଦନ ହୋଇ ମଧ୍ୟ ଓଡ଼ିଶାବାସୀଙ୍କୁ ରାଜ୍ୟ ସରକାର ଟାଟା କମ୍ପାନୀ ମାଧ୍ୟମରେ ଲୁଟୁଥିବାର ଅଭିଯୋଗ ହେଉଛି।

## ଭାରତ ସଂକଳ୍ପ ଯାତ୍ରା ଅବସରରେ ଜୟପୁରରେ ବିଶାଳ ଶୋଭାଯାତ୍ରା

ଜୟପୁର, ୧୨/୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ସଂକଳ୍ପ ଯାତ୍ରା ଅବସରରେ ଜୟପୁର ପୌର ପାଳିକା ଦ୍ୱାରା ଏକ ବିଶାଳ ଶୋଭାଯାତ୍ରା ଆଜି ଅନୁଷ୍ଠିତ ହୋଇଛି । ଜୟପୁର ରଜାନହର ଠାରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଟ୍ରାଫିକ ଛକ ରେ ଶେଷ ହୋଇଥିଲା । ଏହା ପରେ ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଜୟନଗର ସ୍ଥିତ ଏମ୍ୟୁଜମେଣ୍ଟ ପାର୍କ ଠାରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ କ୍ରିଡା ଯୁବ ବ୍ୟାପାର ବିଭାଗର ଯୁଗ୍ମ ସଚିବ ପ୍ରେମ କୁମାର ଝା, ସିଡିଓ କମ ଜିଲା ପରିଷଦର ନିବାହୀ ଅଧିକାରି ଗୌରବ ଶିବାଜୀ ଇସାଲବର, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର କାର୍ଯ୍ୟନିବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ର ସରକାର ଙ୍କ ପକ୍କା ଘର ନିର୍ମାଣ, ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା ଅଧିନରେ ଗ୍ୟାସ ସଂଯୋଗ, ଲୋକଙ୍କୁ ପ୍ରତି ବର୍ଷ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା, ସ୍ୱଚ୍ଛ ଭାରତ ଅଭିଯାନ ଉପରେ ସଚେତନ କରାଯାଇଥିଲା । ଏହା ସହ ଜାତୀୟ ପରିବାର ମଙ୍ଗଳ ଯୋଜନାର ୨୦ ଜଣ ହିତାଧିକାରିଙ୍କୁ ଅନୁମତି ପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ହିମାଂଶୁ ମହାପାତ୍ର, ଅକ୍ଷୟ କୁମାର ସାହୁ, ଗୌତମ ସାମନ୍ତରାୟ, ଲଳିତ ଅଗ୍ରଓାଲ, ଅମର ଲାଲ ଆହୁଜା, ଶୁଭେନ୍ଦୁ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ଏଟିଏମରୁ ବୃଦ୍ଧାଙ୍କ ଶବ ଉଦ୍ଧାର

ଜୟପୁର, ୧୨/୧ (ନି.ପ୍ର): ଜୟପୁର ମୁଖ୍ୟ ରାସ୍ତା ବାଙ୍କମଠ ନିକଟରେ ଥିବା ଏଟିଏମରୁ ଜଣେ ବୃଦ୍ଧାଙ୍କ ଶବକୁ ଗୁରୁବାର ଉଦ୍ଧାର କରିଛି ଜୟପୁର ଟାଉନ ପୋଲିସ। ମୃତ ବୃଦ୍ଧା ଜଣକ ହେଉଛନ୍ତି ନୂଆ ସାହି ପାର୍କ ଲାଇନ ର ଇଶ୍ୱରି ରାଉତ (୬୦)।
ପୋଲିସ ସୂଚନା ଅନୁଯାୟୀ, ଏଟିଏମରେ ବୃଦ୍ଧାଙ୍କ ଶବ ପଡିଥିବା ସୂଚନା ପାଇ ଶବକୁ ଉଦ୍ଧାର କରିଥିଲେ । ଶବ ବ୍ୟବ ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସେ ମାନଶିକ ଭାରସ୍ୟାମ ହରାଇ ଏଣେ ତେଣେ ବୁଲୁ ଥିଲେ । ଶୀତ ଓ ବାର୍ଦ୍ଧକ୍ୟ ପାଇଁ ସେ ମୃତ୍ୟୁବରଣ କରିଥିବା ଜୟପୁର ଟାଉନ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏନେଇ ଟାଉନ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଭାରତୀୟ ଅଭ୍ୟାସ ଆମେରିକାରେ ହିଟ୍

ବଲିଉଡ୍ ନେଇ କୌତୁହଳ ତ ଅନେକ ଦିନରୁ ଥିଲା । ଏବେ ଯୋଗ ବ୍ୟାୟାମରୁ ଆରମ୍ଭ କରି ଆହୁରି ଅନେକ ରକମର ଭାରତୀୟ ଅଭ୍ୟାସକୁ ନେଇ ମାତିଛନ୍ତି ଆମେରିକାବାସୀ ।



**ବେଷ୍ଟ ଲଟ୍ ଲାଇକ୍ ଏ ଯୋଗୀ :**

ସଂପ୍ରତି ନରେନ୍ଦ୍ର ମୋଦି କଥା ପ୍ରସଙ୍ଗରେ କହିଥିଲେ ଯେତେଜଣ ଆମେରିକୀୟ ଏବେ ଫୁଟବଲ ଧରିବା ପାଇଁ ତଳକୁ ନୁଅଁନ୍ତି, ତାହାଠାରୁ ଅଧିକ ସଂଖ୍ୟକ ଆମେରିକୀୟ ଯୋଗାଭ୍ୟାସ କରିବା ପାଇଁ ତଳକୁ ନୁଅଁନ୍ତି । କଥାଟା କେତେ ସତ ତାହା ଅବଶ୍ୟ



ତର୍କସାପେକ୍ଷ । କିନ୍ତୁ ଏହା ଠିକ୍ ଯେ ଯୋଗବ୍ୟାୟାମ ଆମେରିକାରେ ଏବେ ବେଶ୍ ହିଟ୍ । ହଲିଉଡ୍‌ରୁ ଆରମ୍ଭ କରି ସାଧାରଣ ମଣିଷ– ସମସ୍ତଙ୍କ ୱାର୍କଆଉଟ୍ ରୁଟିନରେ ଏବେ ଯୋଗାଭ୍ୟାସ ନିଶ୍ଚିତ । ସପ, ଶୀତଳପଟି ଆସନ ପରିବର୍ତ୍ତେ ସେମାନଙ୍କ ହାତରେ ଏବେ 'ଫ୍ୟାନ୍ସି ଯୋଗ ମ୍ୟାଟ୍' । ଯୋଗବ୍ୟାୟାମକୁ ଆମେରିକୀୟ ଶୈଳୀରେ ଆପଣେଇ ନେଇଚନ୍ତି ଅନେକ । କେତେବେଳେ ପାୱାର ଯୋଗ, କେତେବେଳେ ପୁଣି ବିକ୍ରମ ଯୋଗ ଅଉ ଜେନ୍ ଯୋଗ– ନାନା ରକମର ରୂପ ପାଇଛି ଯୋଗ ବ୍ୟାୟାମ । ଯୋଗାଭ୍ୟାସର ବିଶ୍ୱବ୍ୟାପୀ ଲୋକପ୍ରିୟତା କାରଣରୁ ୨୧ ଜୁନକୁ ଆନ୍ତର୍ଜାତିକ ଯୋଗ ଦିବସ ବୋଲି ଘୋଷଣା କରାଯାଇଛି ।

**ମେହେନ୍ଦିରୁ ହେନା ଟାଟୁ:**

ହାତ ଓ ପାଦରେ ମେହେନ୍ଦି କରିବାର ସଉକ କେବଳ ଆମ ଦେଶରେ ନୁହେଁ, ହଲିଉଡ଼ରେ ବି ରହିଛି । ତାହାର ପ୍ରମାଣ ହେଲା ଲସ୍ ଆଞ୍ଜେଲସରେ ଖୋଲିଥିବା ଶହଶହ ମେହେନ୍ଦି ପାର୍ଲର । ସାଧାରଣ ଲୋକଙ୍କଠୁ ଆରମ୍ଭ କରି ସେଲିବ୍ରିଟିଙ୍କ ପର୍ଯ୍ୟନ୍ତ ଅଧିକାଂଶ ଏବେ ହେନା ଗୁଣ୍ଡରେ ପ୍ରସ୍ତୁତ ମେହନ୍ଦି ଲଗାଇବାକୁ ପସନ୍ଦ କରୁଛନ୍ତି ଯାହାକୁ ସେମାନେ କହୁଛନ୍ତି ହେନା ଟାଟୁ । ଆମେରିକୀୟ ଅଭିନେତ୍ରୀ ତଥା ଗାୟିକା ଭେନେସା ହାଜେନ୍ସ ତ ମେହେନ୍ଦି ଲଗାଇ ନ୍ୟୁୟର୍କ ଫ୍ୟାଶନ ୱିକରେ ଅଂଶ ଗ୍ରହଣ କରିଥିଲେ । ପ୍ରଖ୍ୟାତ ଆମେରିକୀୟ ମଡ଼େଲ ଗିଗି ହଦିଦ ତାଙ୍କ ବାନ୍ଧବୀମାନଙ୍କ ସହିତ ମେହେନ୍ଦି ପିନ୍ଧିଥିଲେ ଗତବର୍ଷ କ୍ରିସମାସରେ । ତେବେ ମେହେନ୍ଦି ପିନ୍ଧିଲେ ତାହା ବେଶି ଦିନ ରହେନାହିଁ । ତେଣୁ ଯେଉଁମାନେ ହେନା ଟାଟୁ ପସନ୍ଦ କରନ୍ତି ସେମାନେ ମେହେନ୍ଦିର ନାନା ଡିଜାଇନର ଟାଟୁ କରି ନେଉଛନ୍ତି । ଯେମିତିକି ରିହାନାଙ୍କ ହାତର ହେନା ଟାଟୁ ଏବେ ବେଶ୍ ଦୃଷ୍ଟି ଆକର୍ଷଣ କରିଛି ।

**ବଲ୍ଲେବଲ୍ଲେ :**

ବିଦେଶରେ ବଲିଉଡ଼ର ନାଚଗୀତର ଲୋକପ୍ରିୟତା ବେଶ୍ ପୁରୁଣା । କିନ୍ତୁ ଜାଣନ୍ତି କି ପଞ୍ଜାବୀମାନଙ୍କର ଭାଙ୍ଗଡ଼ା ନୃତ୍ୟର ତାଳେ ତାଳେ ୱାର୍କ ଆଉଇଟ୍ କରୁଛି ସାରା କାଲିଫର୍ଣ୍ଣିଆ । ମସାଲା ବଲିଉଡ଼ ୱାର୍କଆଉଟ୍‌ର ଯେ ବିଭିନ୍ନ କ୍ଲାସ ଖୋଲିଯାଇଛି କାଲିଫର୍ଣ୍ଣିଆରେ ସେଗୁଡ଼ିକ ଆଉ କିଛି ନୁହେଁ– ଭାଙ୍ଗଡ଼ା କରିବାର କ୍ଲାସ । ଭାଙ୍ଗଡ଼ା କୁଆଡ଼େ ଏବେକାର ସବୁଠୁ ଭଲ 'ଫୁଲ୍ ବଡ଼ି ୱାର୍କଆଉଟ୍' ରୁଟିନ । ତେବେ ପାଗଳାମୀ କେବଳ ଭାଙ୍ଗଡ଼ା ନେଇ ନୁହେଁ । ଦାଣ୍ଡିଆ ମଧ ରହିଛି ଏହି ତାଲିକାରେ । ଆମେରିକାନ୍ ନାଁ ହେଲା 'ପାଉଣ୍ଡ ୱାର୍କଆଉଟ୍' । କାଲିଫର୍ଣ୍ଣିଆର ଦୁଇଜଣ ଡ୍ରମର କ୍ରିଷ୍ଟେନ ଏବଂ କ୍ରିଷ୍ଟିନା ଏଇ ୱାର୍କଅଉଟ୍ ରୁଟିନ ଆରମ୍ଭ କରିଥିଲେ । ଦାଣ୍ଡିଆ ବାଡ଼ି ବଦଳରେ ଦୁଇଟି ପ୍ଲାଷ୍ଟିକର ଛୋଟ ବାଡ଼ି ବ୍ୟବହୃତ ହେଉଛି ଯାହାର ନାଁ ହେଉଚି ରିପଷ୍ଟିକ । କ୍ରିଷ୍ଟେନ ଓ କ୍ରିଷ୍ଟିନା ଯଦିଓ କହିଛନ୍ତି ସେମାନେ ପବନରେ ଡ୍ରମ ବଜାଇବାର ଭାବନାରୁ ଏହି ୱାର୍କଆଉଟ୍ ବାହାର କରିଥିଲେ । କିନ୍ତୁ ଯେକୌଣସି ଭାରତୀୟ ଏହି ୱାର୍କଆଉଟର ଗୋଟିଏ ସେସନ୍ ଗଲେ ବୁଝିପାରିବେ ଯେ ତାହା ପ୍ରକୃତରେ ଭାରତୀୟ ଦାଣ୍ଡିଆ ବ୍ୟତୀତ ଅନ୍ୟ କିଛି ନୁହେଁ ।

**କ୍ଷୀର-ହଳଦୀରୁ ଟରମରିକ୍ ଲ୍ୟାଟେ:**

ସର୍ଦ୍ଦି-ଥଣ୍ଡା ହେଲେ ଉଷୁମ କ୍ଷୀରରେ ହଳଦୀ ଗୋଳାଇ ପିଇଲେ ଦେହ ହାତରେ ଦରଜ ଦୂର ହୋଇଯାଏ । ଏହି ଟୁଟୁକା ସହିତ ଅଧିକାଂଶ ଭାରତୀୟ ପରିଚିତ । ସେଇ କ୍ଷୀର-ହଳଦୀକୁ ଏବେ ଅତି ଆଗ୍ରହର ସହିତ ପିଉଛନ୍ତି ସାନଫ୍ରାନ୍ସିସ୍କୋର ବାସିନ୍ଦା । ବିଭିନ୍ନ 'ହିପ୍' କ୍ୟାଫେଗୁଡ଼ିକରେ ଏବେ ଏହି ପାନୀୟର ଚାହିଦା ସବୁଠୁ ବେଶି । ନାଁ ହେଉଛି ଟରମରିକ ଲ୍ୟାଟେ । ଅନେକ ପୁଣି ରଙ୍ଗ ପାଇଁ ଏହି ପାନୀୟକୁ ଗୋଲ୍ଡେନ ମିଲ୍କ ବୋଲି ମଧ



କହୁଛନ୍ତି । ସକାଳ ବେଳା ଏହି ପାନୀୟର ଚାହିଦା ସବୁଠୁ ଅଧିକ । କାରଣ କ୍ୟାଫେନେଟେଡ଼ ଡ୍ରିଙ୍କ ପରିବର୍ତ୍ତେ କ୍ଷୀର-ହଳଦୀ ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଅନେକ ବେଶି ଲାଭଜନକ । ଟରମେରିକ ଲ୍ୟାଟେର ଲୋକପ୍ରିୟତା ବଢ଼ିବା ପରେ କୁଆଡ଼େ ଆମେରିକାରେ ଭାରତୀୟ ମସଲାର ବିକ୍ରି ବୃଦ୍ଧି ପାଇଛି । ବିଶେଷକରି ଯେଉଁମାନେ ଭେଗାନ, ସେମାନେ ଏହି ଡ୍ରିଙ୍କ ସବୁଠୁ ଅଧିକ ପସନ୍ଦ କରୁଛନ୍ତି । ତେବେ ଆମେରିକାନ 'ଟଚ୍' ଦେବାକୁ ସାଧାରଣ କ୍ଷୀର ପରିବର୍ତ୍ତେ ଅଧିକାଂଶ କ୍ୟାଫେରେ ଆଲମଣ୍ଡ ମିଲ୍କ ବା



ସୋୟା ମିଲ୍କ ବ୍ୟବହୃତ ହେଉଛି ।

**ଗହଣା ଯେତେବେଳେ ଚିଜ୍ ଆକ୍ସେସୋରି:**

ଭାରତୀୟ ଗହଣା ପ୍ରତି ଆକର୍ଷଣ ଦିନକୁ ଦିନ ବୃଦ୍ଧି ପାଉଛି ଆମେରିକାରେ । ସେଇଥିପାଇଁତ ରାଜସ୍ଥାନର ମାଙ୍ଗ୍ ଟିକା ଭେନସା ହାଜେନ୍ସଙ୍କ ଷ୍ଟାଇଲିଶ ହେଡ୍ ଚେନ ହୋଇଯାଇଛି । ବଡ଼ ନୋଳି ପିନ୍ଧି କେଣ୍ଡେଲ ଜେନେର ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ବିୟନ୍ସେଙ୍କଠୁ ଆରମ୍ଭ କରି କାଇଲି ମିନୋଗ, କାରା ଡେଲିଭିଂ ସମସ୍ତେ ମଜ୍ଜିଯାଇଛନ୍ତି ଭାରତୀୟ ଗହଣାରେ । ବିଶେଷକରି କୋଏଶଳା ଭଳି ମ୍ୟୁଜିକ ଫେଷ୍ଟିଭାଲ ଗୁଡ଼ିକ ପରେ ଏହି ଧରଣର ଆକ୍ସେସୋରିଜର ବଜାର ମୂଲ୍ୟବୃଦ୍ଧି ପାଇଛି । ହିପି-ବୋହୋ ଫ୍ୟାଶନ ସହିତ ଭାରତୀୟ ଗହଣା ବେଶ୍ ମାନି ଯାଉଥିବାରୁ ଏହାର ଚାହିଦା ଏତେ ବେଶି ।



## ଲକ୍ଷ୍ମଣ ମନ୍ଦିର




ଖଜୁରାହୋର ପ୍ରାଚୀନ ମନ୍ଦିର ମଧ୍ୟରେ ଲକ୍ଷ୍ମଣ ମନ୍ଦିର ଅନ୍ୟତମ । ଭଗବାନ ଶ୍ରୀବିଷ୍ଣୁଙ୍କୁ ସମର୍ପିତ ଏହି ମନ୍ଦିରେ ତିବତାରୁ ଆସିଥିବା ବୈକୁଣ୍ଠ ବିଷ୍ଣୁଙ୍କର ଏକ ବିଶାଳ ମୂର୍ତ୍ତି ବିରାଜିତ । ପ୍ରତିଷ୍ଠିତ ଏହି ମୂର୍ତ୍ତିଙ୍କ ଉଚ୍ଚତା ୪ଫୁଟ ଓ ତ୍ରିମୁଖଯୁକ୍ତ (ସିଂହ, ମାନବ ଓ ବରାହ) । ଚତୁର୍ଭୁଜ ବିଶିଷ୍ଟ ବୈକୁଣ୍ଠ ବିଷ୍ଣୁଙ୍କ ମଝି ମସ୍ତକ ମାନବର ଏବଂ ଦୁଇ ପାର୍ଶ୍ୱରେ ଥିବା ବରାହ ଓ ସିଂହ ମସ୍ତକ ଯଥାକ୍ରମେ ତାଙ୍କର ବରାହ ଓ ନୃସିଂହ ଅବତାରକୁ ଦର୍ଶାଏ । ଚନ୍ଦେଲ ଶାସକ ଯଶୋବର୍ମନଙ୍କ ଦ୍ୱାରା ୯୩୦–୯୫୦ରେ ମନ୍ଦିର ନିର୍ମିତ ହୋଇଥିଲା । ଏକ ବିସ୍ତୃତ ଜଗତି ଉପରେ ମନ୍ଦିର ଦଣ୍ଡାୟମାନ, ଯାହା ମଧ୍ୟଯୁଗୀୟ ଭାରତୀୟ କଳା ସ୍ଥାପତ୍ୟର ଜ୍ୱଳନ୍ତ ଉଦାହରଣ । ବାଲିପଥରରେ ମନ୍ଦିର ନିର୍ମିତ ହୋଇଛି । ପୀଠର ସବୁଠୁ ମନୋରମ ବିଶେଷତ୍ୱ ହେଉଛି ଗର୍ଭଗୃହରେ ଥିବା ପଞ୍ଚରଥ । ୬ଶହରୁ ଅଧିକ ହିନ୍ଦୁ ଦେବଦେବୀ ମନ୍ଦିରରେ ଅବସ୍ଥାନ କରିଛନ୍ତି । ମଣ୍ଡପ ଓ ମହାମଣ୍ଡପ ସମେତ ମନ୍ଦିରର ପ୍ରତ୍ୟେକ କୋଣରେ ହିନ୍ଦୁ ସ୍ଥାପତ୍ୟ କଳାର ନିଦର୍ଶନ ଦେଖିବାକୁ ମିଳେ । ହିନ୍ଦୁ ଦେବଦେବୀଙ୍କ ମୂର୍ତ୍ତି, କଳାକୃତି ଓ କାମୁକ ଶିଳାଲେଖ ଦ୍ୱାରା ମନ୍ଦିର ପ୍ରବଶେ ଦ୍ୱାରା ସଜ୍ଜିତ । ମନ୍ଦିର ଦକ୍ଷିଣ ଦିଗରେ ହୋଇଥିବା ଚମତ୍କାର କାରୁକାର୍ଯ୍ୟ ଶିଳ୍ପକଳାର ସାମ୍ରାଜ୍ୟ ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଅନିନ୍ଦ ସୌନ୍ଦର୍ଯ୍ୟ ପାଇଁ ଦୂରଦୂରାନ୍ତରୁ ମନ୍ଦିରୁକ ଛୁଟିଆସନ୍ତି ଅସଂଖ୍ୟ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ।

## ଆତ୍ମାର ଶାନ୍ତି ନିମନ୍ତେ ମହିଳାଙ୍କ ଆଙ୍ଗୁଳିକାଟ୍

କ୍ରୁର ପରମ୍ପରା ସାମନାରେ ମାନବିକତାର ମୂଲ୍ୟବୋଧ ସଂପୂର୍ଣ୍ଣ ଫିକା ପଡ଼ିଯାଉଛି । ଏପରି କିଛି ହୃଦୟ ବିଦାରକ ପରମ୍ପରା ଇଣ୍ଡୋନେସିଆର ପପୁଆ ଗିନି ଦ୍ୱୀପ ପ୍ରଜାତି ଦାନି ଦ୍ୱାରା ପାଳନ କରାଯାଉଛି । ଦାନି ପ୍ରଜାତିର ଅଧିବାସୀମାନଙ୍କର ପରିବାର ମୁଖ୍ୟଙ୍କର ମୃତ୍ୟୁ ହେଲେ ଘରର ମହିଳାଙ୍କର କିଛି ଆଙ୍ଗୁଳି କାଟି ନିଆଯାଏ । ଏହାପଛରେ କାରଣଟି ହେଉଛି ମୃତ୍ୟୁବରଣ କରିଥିବା ବ୍ୟକ୍ତିର ଆତ୍ମା କୁଆଡ଼େ ଏହା ଦ୍ୱାରା ଶାନ୍ତି ପାଇବ । ତେଣୁ ଶୋକ ପାଳନର ଏହା ହେଉଛି ସର୍ବୋତ୍କୃଷ୍ଟ ଉପାୟ । ମହିଳାଙ୍କ ଆଙ୍ଗୁଳି କାଟିବା ପୂର୍ବରୁ ତାଙ୍କୁ ରଶିରେ ବାନ୍ଧି ଦିଆଯାଏ ଯେପରି ରକ୍ତ ପ୍ରବାହ ବନ୍ଦ ହୋଇଯିବ । ତାପରେ କୁରାଢ଼ି ସାହାଯ୍ୟରେ କେତୋଟି ଆଙ୍ଗୁଳି କଟାଯାଏ । ଏଥିରେ କେବଳ ଘରର ମହିଳାଙ୍କୁ ଯନ୍ତ୍ରଣା ଭୋଗିବାକୁ ପଡ଼ିଥାଏ । ସରକାର ଏବେ ଏହି ପରମ୍ପରାକୁ ଉଚ୍ଛେଦ କରିଛନ୍ତି । ଏବେ ଦାନି ପ୍ରଜାତିର ମହିଳାମାନେ ସମସ୍ତ ଆଙ୍ଗୁଳି ସହିତ ଜୀବନଯାପନ କରୁଛନ୍ତି ।

## ଆଖିରେ ଆଖି ମିଶିଲେ...



ମଣିଷ ଅନ୍ୟଜଣଙ୍କ ଆଖିକୁ ପଢ଼ିବାକୁ ଚେଷ୍ଟାକରେ । ଜାଣନ୍ତି କି, ଅନ୍ୟ ଜଣଙ୍କ ଆଖିରେ ଆଖି ମିଶାଇବା ଦ୍ୱାରା ଆପଣ ତାଙ୍କର ଅଧିକ ଇଣ୍ଟିମେଟ୍ ହୋଇଯିବେ । ଏହା ମଧ ଅନ୍ୟ ବ୍ୟକ୍ତିକୁ ଖୁବ୍ ଖୁସି ଦେଇଥାଏ ଖାସ୍ କରି ଯଦି ସେ ତୁମକୁ ଭଲପାଉଥିବେ ।


ଆଇ କଣ୍ଟାକ୍ଟ ମଧ ଏକ ମୋଟିଭେସନାଲ ସ୍କିଲ । ସମସ୍ତ ଲିଡର ଏବଂ ମୋଟିଭେସନାଲ ସ୍ପିକରମାନେ ଲିସନରମାନଙ୍କୁ ଖୁବ୍ ଶୀଘ୍ର ପ୍ରଭାବିତ କରିବା ପାଇଁ ସେମାନଙ୍କ ସହ ଆଇ କଣ୍ଟାକ୍ଟ ମେଣ୍ଟେନ୍ କରିଥାନ୍ତି ।

ଆଇ କଣ୍ଟାକଟ ମଧ ଏକ ଅସ୍ତ୍ର । ଯଦି କେହି ଆପଣଙ୍କୁ ବିରକ୍ତି କରିବାକୁ ଚେଷ୍ଟା କରୁଥିବେ କିମ୍ବା ଆପଣ ଯାହା ଶୁଣିବାକୁ ଚାହୁଁ ନଥିବେ ତାହା ଆପଣଙ୍କୁ କହୁଥିବେ ତେବେ ତାଙ୍କ ସହ କିଛି ମିନିଟ୍ ପାଇଁ ଆଇ କଣ୍ଟାକ୍ଟ ମେଣ୍ଟେନ କରନ୍ତୁ । ଏହାପରେ ସେ ବୁଝିଯିବେ ଯେ, ସେ ଆପଣଙ୍କୁ ବହୁତ ବିରକ୍ତ କରିସାରିଛନ୍ତି ।

ଗବେଷଣା କହୁଛି ଯେ, ଆଇ କଣ୍ଟାକ୍ଟ ମଧ ସୁନ୍ଦର ସୁନ୍ଦର ସ୍ମୃତି ନିର୍ମାଣ କରିଥାଏ । ଯଦି ଆପଣ ଚାହୁଁଛନ୍ତି କୌଣସି ପୁରୁଷ କିମ୍ବା ମହିଳା ଆପଣଙ୍କୁ ଅନେକ ଦିନ ପର୍ଯ୍ୟନ୍ତ ମନେ ରଖନ୍ତୁ ତେବେ କଥା ହେବା ବେଳେ ତାଙ୍କ ସହ ଆଇ କଣ୍ଟାକ୍ଟ ମେଣ୍ଟେନ୍ କରନ୍ତୁ ।

## ମାନ୍ଦା ଅଫିସ୍ ପରିବେଶ ମସ୍ତିଷ୍କକୁ ହାନି

ଆପଣ ଯେଉଁ ଅଫିସ୍‌ରେ କାମ କରୁଛନ୍ତି, ତା'ର ପରିବେଶ ମାନ୍ଦା, ବିରକ୍ତିକର ଓ ଅସ୍ୱାସ୍ଥ୍ୟକର କି ? ଏଭଳି କର୍ମକ୍ଷେତ୍ରରେ ଦୀର୍ଘ ସମୟ ବିତାଇବା ଆପଣଙ୍କ ମସ୍ତିଷ୍କ କାର୍ଯ୍ୟକାରିତାରେ ବାଧା ପହଞ୍ଚାଇପାରେ । ଏଥିସହ ତର୍କ, ସ୍ମୃତି, ଧ୍ୟାନ ଓ ଭାଷା ଦକ୍ଷତା ମଧ ଏହା ହ୍ରାସ କରେ । କର୍ମକ୍ଷେତ୍ରରେ ପ୍ରେରଣାର ଅଭାବ ଓ କାମ କରିବାର ଖରାପ ପରିବେଶ କର୍ମଚାରୀଙ୍କ ବୋଧାକ୍ତି ଉପରେ କୁପ୍ରଭାବ ପକାଏ, ଯାହା ଦୀର୍ଘସ୍ଥାୟୀ ବୋଲି ଫ୍ଲୋରିଡ଼ା ଷ୍ଟେଟ ୟୁନିଭର୍ସିଟିର ଗବେଷଣାରୁ ଜଣାପଡ଼ିଛି । ମନୋବୈଜ୍ଞାନିକମାନେ କହନ୍ତି, କାର୍ଯ୍ୟ ପରିବେଶ ଭଲ ଥିଲେ ବ୍ୟକ୍ତି ମସ୍ତିଷ୍କରେ ଥିବା ତନ୍ତୁରେ ରାସାୟନିକ ପ୍ରକ୍ରିୟା ଦ୍ରୁତ ବା



ଠିକ୍ ଢଙ୍ଗରେ ହୋଇଥାଏ । ଫଳରେ ବ୍ୟକ୍ତିର ପ୍ରଦର୍ଶନ ଭଲହୁଏ । କିନ୍ତୁ ପ୍ରତିକୂଳ କାର୍ଯ୍ୟ ପରିସରରେ ବ୍ୟକ୍ତି ମସ୍ତିଷ୍କରେ ଥିବା ତନ୍ତୁରେ ରାସାୟନିକ ପ୍ରକ୍ରିୟାକୁ ମନ୍ଥର କରେ । ଦୀର୍ଘକାଳୀନ ଭିତ୍ତିରେ ଏପରି ସମସ୍ୟା ଲାଗିରହିଲେ, ମସ୍ତିଷ୍କର ରାସାୟନିକ ପ୍ରକ୍ରିୟା ଧୀରେ ଧୀରେ ବନ୍ଦ ହୋଇଯାଏ । ଫଳରେ ବ୍ୟକ୍ତି ପୂର୍ବରୁ ଯେଉଁଭଳି ସୂକ୍ଷ୍ମ ଚିନ୍ତା କରୁଥିଲା, ତାହା ସ୍ଥୁଳ ହୋଇଯାଏ । ଅଧ୍ୟୟନର ମୁଖ୍ୟ ଫ୍ୟାମିଲି ଆଣ୍ଡ ଚାଇଲ୍ଡ ସାଇନ୍ସେଜର ନୋରଜେନ ହେଣ୍ଡରିକସନ ପ୍ରଫେସର ଜୋସେଫ ଗ୍ରିଜିୱାଜ ଏହା କହିଛନ୍ତି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୩ ଜାନୁଆରୀ ୨୦୨୪, ଶନିବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦୁର୍ବଳ ଉପରେ ବଳ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମାଳଦୀପର ନବ ନିର୍ବାଚିତ ରାଷ୍ଟ୍ରପତି ମହମଦ ମୁଇଜୁଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହେବାର ମାତ୍ର ମାସକ ପରେ ଏଇ ଦୁଇ ଦେଶ ମଧ୍ୟରେ ଦେଖା ଦେଇଛି ସମ୍ପର୍କରେ ଦ୍ରୁତ ଅବନତି, ଯାହା କୌଣସି ଦୃଷ୍ଟିରୁ ଶୁଭଙ୍କର ନୁହେଁ କି ସ୍ପୃହଣୀୟ ମଧ୍ୟ ନୁହେଁ । ଏଭଳି ହେବାର କାରଣ, ଲାକ୍ଷାଦ୍ୱୀପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସାମ୍ପ୍ରତିକ ଗସ୍ତ, ଯାହାକୁ ନେଇ ମାଳଦ୍ୱୀପର ତିନି ଜଣ ମନ୍ତ୍ରୀ ଟ୍ୱିଟରରେ ଅସଂଯମୀ ମନ୍ତବ୍ୟମାନ ପ୍ରଦାନ କରିଥିଲେ। ସେମାନେ ମଧ୍ୟ ଭାରତୀୟମାନଙ୍କ ବିରୁଦ୍ଧରେ ଆପତ୍ତିଜନକ ମନ୍ତବ୍ୟମାନ ପ୍ରଦାନ କରିଥିଲେ ଏବଂ ଏହାର କାରଣ ହେଉଛି ଇସ୍ରାଏଲକୁ ଭାରତର ସମର୍ଥନ । ଅବଶ୍ୟ ଏହାର ଅବ୍ୟବହିତ ପରେ ଶ୍ରୀଯୁକ୍ତ ମୁଇଜୁ ସେହି ତିନି ଜଣଯାକ ମନ୍ତ୍ରୀଙ୍କୁ ନିଲମ୍ବନ କରିଛନ୍ତି; ସେମାନେ ମଧ୍ୟ ଟ୍ୱିଟରରୁ ତାଙ୍କର ମନ୍ତବ୍ୟଗୁଡ଼ିକୁ ହଟାଇ ଦେଇଛନ୍ତି ଏବଂ ଶ୍ରୀଯୁକ୍ତ ମୁଇଜୁଙ୍କ ସରକାର ଏହି ମନ୍ତ୍ରୀମାନଙ୍କ ଅପମାନଜନକ ମନ୍ତବ୍ୟରୁ ନିଜକୁ ଓ ହଟାଇ ନେଇଛି । ତେବେ ଏହି ଘଟଣା ପରେ ଦୁଇ ଦେଶ ଭାରତ ଓ ମାଳଦ୍ୱୀପ ମଧ୍ୟରେ ରହି ଆସିଥିବା ଐତିହାସିକ ନିବିଡ଼ ସମ୍ପର୍କ ମଧ୍ୟରେ ଦେଖା ଦେଇଛି ଗଭୀର ଉତ୍ତେଜନା। କ୍ରୋଧିତ ଭାରତୀୟ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଏହିସବୁ ମନ୍ତବ୍ୟକୁ ନେଇ ମାଳଦ୍ୱୀପର ସରକାରଙ୍କୁ ଅତ୍ୟନ୍ତ କଟୁ ଭାଷାରେ ସମାଲୋଚନା କରି ଚାଲିଛନ୍ତି, ଏପରିକି ଉକ୍ତ ମନ୍ତ୍ରୀମାନଙ୍କର ନିଲମ୍ବନ ପରେ । ଏସବୁ ହୋଇ ଚାଲିଛି ଆପାତତଃ ଏକ ସଂଯୋଜିତ ଢଙ୍ଗରେ- ଭାରତୀୟ ସୋସିଆଲ ମିଡିଆ ପ୍ରଭାବ ବିସ୍ତାରକାରୀମାନେ ଏବଂ ସେଲିବ୍ରିଟିମାନେ ଲାକ୍ଷାଦ୍ୱୀପ ଭଳି ଭାରତୀୟ ଦ୍ୱୀପପୁଞ୍ଜଗୁଡ଼ିକର ଛବି ଏବଂ ଭିଡିଓ ମାନ ସୋସିଆଲ ମିଡିଆରେ ପୋଷ୍ଟ କରି ବିକଳ୍ପ ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ଭାବରେ ସେଗୁଡ଼ିକୁ ପ୍ରଦର୍ଶିତ କରିବାରେ ଲାଗିଛନ୍ତି । ସେମାନେ ସମୁଦ୍ର କୂଳକୁ ଭଲ ପାଉଥିବା ସମଗ୍ର ବିଶ୍ୱର ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ରହି ଆସିଥିବା ତଥା ଏହାର ରାଜସ୍ୱର ଏକ ସିଂହଭାଗ ଭାବରେ ବିବେଚିତ ମାଳଦୀପର ଲୋକପ୍ରିୟ ସ୍ଥଳୀଗୁଡ଼ିକ ପରିବର୍ତ୍ତେ ଭାରତୀୟ ଦ୍ୱୀପପୁଞ୍ଜଗୁଡ଼ିକ ପ୍ରତି ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାର ଚେଷ୍ଟା ଚଳାଇଛନ୍ତି। ଇତି ମଧ୍ୟରେ ନିହାତି କମ୍‌ରେ ମାଳଦ୍ୱୀପକୁ ଟିକେଟ୍ ବୁକ୍ କରୁଥିବା ଏକ ପ୍ଲାଟଫର୍ମ କହିଛି ଯେ ଏହା ମାଳଦୀପକୁ ବୁକ୍ ହୋଇଥିବା ସମସ୍ତ ଟିକେଟ୍‌କୁ ବାତିଲ କରିଛି। ପୁନଶ୍ଚ, ରିପୋର୍ଟ ଅନୁସାରେ ହଜାର ହଜାର ଭାରତୀୟ ଏହି ମନୋହର ଦ୍ୱୀପକୁ ସେମାନଙ୍କର ରିଜର୍ଭେସନ୍ ବାତିଲ କରିଛନ୍ତି। ଇତ୍ୟବସରରେ ଭାରତୀୟ ବର୍ହିବ୍ୟାପାର ମନ୍ତ୍ରଣାଳୟ ମାଳଦୀପର ହାଇ କମିଶନରଙ୍କୁ ଡକାଇ ଥିଲା, ସମ୍ଭବତଃ ତାଙ୍କ ଦେଶର ମନ୍ତ୍ରୀମାନଙ୍କ ମନ୍ତବ୍ୟ ଉପରେ ଅସନ୍ତୋଷ ବ୍ୟକ୍ତ କରିବାକୁ । ମୋଟାମୋଟି ମାଳଦ୍ୱୀପ ତା'ର ମନ୍ତ୍ରୀମାନଙ୍କ ଉପରେ ପଦକ୍ଷେପ ତ ନେଲା, କିନ୍ତୁ ସେମାନଙ୍କର ମନ୍ତବ୍ୟ ଯୋଗୁଁ ଦୁଇ ଦେଶର ସମ୍ପର୍କରେ ଏକ ବଡ଼ ଧରଣର କ୍ଷତି ଘଟିଲା। ପରନ୍ତୁ, ଏସବୁ ଭିତରେ ମାଳଦ୍ୱୀପର ନୂଆ ରାଷ୍ଟ୍ରପତି ମହମଦ ମୁଇଜୁ ଚୀନ୍‌କୁ ସରକାରୀ ଭାବରେ ଗସ୍ତ କରିବା ପାଇଁ ଏକ ଯୋଜନା କଲେ। ଶ୍ରୀଯୁକ୍ତ ମୁଇଜୁ, ଯିଏକି ଏ ପର୍ଯ୍ୟନ୍ତ ବିବାଦୀୟ ମନ୍ତବ୍ୟଗୁଡ଼ିକ ଉପରେ କିଛି କହି ନାହାନ୍ତି, ସେ ମଧ୍ୟ ତାଙ୍କର ପୂର୍ବସୁରୀମାନଙ୍କ ଭଳି, ଯେଉଁମାନେ କି କ୍ଷମତାକୁ ଆସିବା ପରେ ସରକାରୀ ଭାବରେ ସେମାନଙ୍କର ପ୍ରଥମ ବିଦେଶ ଗସ୍ତ କ୍ରମରେ ଭାରତକୁ ଆସିଥାନ୍ତି, ସେହି ପ୍ରଥାକୁ ଭାଙ୍ଗି ତୁର୍କୀକୁ ତାଙ୍କର ପ୍ରଥମ ଦ୍ୱିପାକ୍ଷିକ ଗସ୍ତର ଲକ୍ଷ୍ୟସ୍ଥଳୀ ବାଛିଛନ୍ତି ଏବଂ ବର୍ତ୍ତମାନ ଚୀନ୍ ଗସ୍ତରେ ଯାଉଛନ୍ତି। ମାଳଦ୍ୱୀପକୁ ଅର୍ଥନୀତିକ ଭାବରେ, ରାଜନୀତିକ ଭାବରେ ତଥା ଅନ୍ୟାନ୍ୟ ଉପାୟରେ ଗୁରୁତର ଭାବରେ ଆଘାତ ଦେବାର ସାମର୍ଥ୍ୟ ଭାରତର ରହିଛି। ସର୍ବାଧିକ ନିକଟତମ ପଡ଼ୋଶୀ ରାଷ୍ଟ୍ର ଭାବରେ ସଂକଟ କାଳରେ ମାଳଦୀପ ଯଦି କାହାକୁ ସାହାଯ୍ୟ ଭିକ୍ଷାର ହାତ ବଢ଼ାଏ, ତା'ହେଲେ ତାହା ହେଉଛି ଭାରତ । କିଛି ଦିନ ପୂର୍ବେ ଶ୍ରୀଯୁକ୍ତ ମୁଇଜୁ ଭାରତୀୟ ସେନାର ଏକ ଛୋଟ ଦଳଙ୍କୁ ତାଙ୍କ ଦ୍ୱୀପପୁଞ୍ଜ ଛାଡ଼ି ଭାରତ ଫେରି ଆସିବାକୁ ଆଦେଶ ଦେଇଥିଲେ । ଏସବୁ ପରେ ବି ଭାରତ ଯେ କୌଣସି ପ୍ରକାରର ପ୍ରତିକ୍ରିୟା ପ୍ରତି ସଚେତ ରହିବା ଆବଶ୍ୟକ, ଯାହା ଏପରି ମତବାଦକୁ ଦୃଢ଼ୀଭୂତ କରୁଥିବ ଯେ ଭାରତ ମାଳଦ୍ୱୀପ ଭଳି ଛୋଟ ଛୋଟ ପଡ଼ୋଶୀ ରାଷ୍ଟ୍ରମାନଙ୍କ ପ୍ରତି ଭୟ ସୃଷ୍ଟିକାରୀ ରାଷ୍ଟ୍ର । ସମ୍ପ୍ରତି ମାଲେ ବେଜିଂ ଏବଂ ଆଙ୍କାରା ଭଳି ବନ୍ଧୁମାନଙ୍କୁ କୋଳାଗ୍ରତ କରୁଛି ଏବଂ ଏହା ନିକଟରେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ସମେତ ପର୍ଯ୍ୟଟକମାନଙ୍କର ଅନେକଗୁଡ଼ିଏ ଉତ୍ସ ରହିଛି। ମାଳଦୀପର ମନ୍ତ୍ରୀମାନଙ୍କ ଦ୍ୱାରା କରାଯାଇଥିବା ସୋସିଆଲ ମିଡିଆ ପୋଷ୍ଟଗୁଡ଼ିକ ସେମାନଙ୍କର ସରଳତା ଏବଂ ରାଜନୀତିକ ଅପରିପକ୍ୱତାକୁ ପ୍ରଦର୍ଶିତ କରିଥିଲା । ଭାରତ କିନ୍ତୁ ସେପରି କିଛି କରିବା ଉଚିତ ନୁହେଁ । ଭାରତ ମାଳଦ୍ୱୀପକୁ ଅର୍ଥନୀତିକ ବର୍ଜନଠାରୁ ଦୂରେଇ ରଖିବା ସହିତ ଏହି ରାଷ୍ଟ୍ର ସଙ୍ଗେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ତିକ୍ତ କରିବା ଭଳି କୌଣସି ପଦକ୍ଷେପ ନେବା ଶକ୍ତିଶାଳୀ ଭାରତର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିବ।

# ବିଶ୍ୱ ନିୟନ୍ତାଙ୍କ ପରିକ୍ରମା ପ୍ରକଳ୍ପ : ଓଡ଼ିଆଙ୍କ ମୁରବୀ ଶ୍ରୀଜଗନ୍ନାଥ



### ନାରାୟଣ ଚନ୍ଦ୍ର ବିଶ୍ୱାଳ

'ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥମ୍
ସର୍ବାଳଙ୍କାରଯୁକ୍ତମ୍ ନବଘନରୁଚିରଂ ସଂଯୁକ୍ତଂ ଚାଗ୍ରଜେନ,
ଭଦ୍ରାୟାଃ ବାମଭାଗେ ରଥଚରଣଯୁକ୍ତଂ ବ୍ରହ୍ମରୁଦ୍ରେନ୍ଦ୍ର୍ୟ ବନ୍ଦ୍ୟମ୍
ବେଦାନାଂ ସାରମୀଶଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁ ସ୍ମରାମି।।'

ଭକ୍ତି ଓ ଭାବର ଠାକୁର ସିଏ ବିଶ୍ୱ ବ୍ରହ୍ମାଣ୍ଡର ଠାକୁର। ଜଗତରନାଥ ଶ୍ରୀଜଗନ୍ନାଥ। ଯାହାଙ୍କ ସମ୍ମୁଖରେ ଠିଆ ହୋଇଗଲେ ବିମୋହିତ ହୁଏ ଭକ୍ତ। ଲୋତକାପ୍ଲୁତ ହୁଏ ଆଖି, ବାୟୁଠାରୁ ହାଲୁକା ହୋଇଯାଏ ତନୁମନ। ପ୍ରଭୁଙ୍କୁ କୋଳାଗ୍ରତ କରିବାକୁ ପ୍ରଲମ୍ବିତ ବାହୁରେ ନିଜକୁ ହଜାଇ ଦିଏ ଭକ୍ତ, ବଡ଼ ବଡ଼ ଚକା ଆଖିର ସାଗରରେ ହଜିଯାଏ ଶ୍ରଦ୍ଧାଳୁ। ଗୋଲ ଗୋଲ ଆଖି ପରି ତାଙ୍କର ସବୁକିଛି ବଡ଼। ମନ୍ଦିର ହେଉଛି ଶ୍ରୀମନ୍ଦିର, ଚକ୍ର ହେଉଛି ଶ୍ରୀଚକ୍ର। ସେହି କଳା ଶ୍ରୀମୁଖଙ୍କ ସୁଖଦ ଦର୍ଶନ ପାଇଁ ରାଜ୍ୟ ସରକାର ପରିକଳ୍ପନା କରିଛନ୍ତି ଆକାଂକ୍ଷା ପରିକ୍ରମା ପ୍ରକଳ୍ପ।

କୋଟି ବ୍ରହ୍ମାଣ୍ଡ ନାଥ, ପତିତପାବନ, କରୁଣାସାଗର ଶ୍ରୀଜଗନ୍ନାଥ ସର୍ବବ୍ୟାପୀ ସନାତନୀ। ତାଙ୍କ ଗୁଣ କୀର୍ତ୍ତନ, ଭଜନ, ଜଣାଣ, ସମର୍ପଣ ଭକ୍ତିନୈବେଦ୍ୟ ଯେତେ ବଖାଣିଲେ ବି ଭକ୍ତଙ୍କୁ ନିଅଣ୍ଟ ପଡ଼େ। ବହୁ ଜନ୍ମର ପୁଣ୍ୟଫଳ ଥିଲେ ତାଙ୍କ ସାନ୍ନିଧ୍ୟ ଲଭିବାର, ସେବା କରିବାର ସୁଯୋଗ ମିଳେ। ଭାବଗ୍ରାହୀ, ଭାବ ବିନୋଦିଆ କଳାଠାକୁର କିନ୍ତୁ ଭକ୍ତର ଦୁଃଖରେ ଦୁଃଖୀ, ଭକ୍ତର ସୁଖରେ ସୁଖୀ ହୋଇଥାନ୍ତି। ଯିଏ ତାର ଭକ୍ତକୁ ପୀଡ଼ା ଦିଏ, ସେ ସେହି ପାରନ୍ତିନି। ଭକ୍ତର ଆକୁଳ ଡାକରେ ସେ ତତ୍କାଳ ଉଭା ହୋଇ ଦୁଷ୍ଟକୁ ଶାସ୍ତି ଦେଇ ଭକ୍ତର ଆନନ୍ଦରେ ଆନନ୍ଦିତ ହୁଅନ୍ତି। ପ୍ରଭୁଙ୍କ ଏହି ଭକ୍ତବତ୍ସଳ ଭାବକୁ ପାଥେୟ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଗନ୍ନାଥପ୍ରେମୀ ଭକ୍ତଙ୍କୁ ଟିକିଏ ସୁଖ ଓ ନିର୍ବିଘ୍ନ ଜଗାଦର୍ଶନର ସୁଯୋଗ ଦେବା ନିମନ୍ତେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଛନ୍ତି। ଏ କଳିଯୁଗରେ ଦାରୁଦେବତା ରୂପରେ ଭାଇଭଉଣୀଙ୍କ ସହ ଲୌକିକ ଲୀଳାଖେଳା କରୁଥିବା ପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ବିଜେସ୍ଥଳୀକୁ ନିଜ ନାମ ପରିବର୍ତ୍ତେ ମହାଲକ୍ଷ୍ମୀଙ୍କ ନାମରେ ଶ୍ରୀମନ୍ଦିର ରଖି ନାରୀକୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ମାନବ ସମାଜକୁ ବାର୍ତ୍ତା ଦେଇଛନ୍ତି। ଏହି ଦୀକ୍ଷାରେ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପିତ ପରିକ୍ରମା ପ୍ରକଳ୍ପର ପରିଭାଷା। ଏହି ପ୍ରକଳ୍ପରେ ବଡ଼ ଠାକୁରଙ୍କ ବଡ଼ଦାଣ୍ଡର ସମାନ୍ତରାଳରେ ଭକ୍ତ ପାଇଁ ଆଉ ଏକ ଯାତ୍ରାପଥ ନିର୍ମାଣ କରାଯାଇଛି, ଯାହାର ନାମ ରଖାଯାଇଛି ଶ୍ରୀଦାଣ୍ଡ। ସେହିପରି ଶ୍ରୀମନ୍ଦିର ଯାତ୍ରାପଥକୁ ବାଧାମୁକ୍ତ କରିବା ପାଇଁ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ରାଜପଥ ଉପରେ ଅଭିନବ ଢଙ୍ଗରେ ନିର୍ମାଣ କରାଯାଇଛି ଅତ୍ୟାଧୁନିକ ଶ୍ରୀସେତୁ। ଏହି ଶ୍ରୀସେତୁରୁ ଶ୍ରୀଦାଣ୍ଡ ପରିକ୍ରମା ପ୍ରକଳ୍ପ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

ପ୍ରତିଟି ଓଡ଼ିଆ ଘର ମୁରବି, ଜଗତବନ୍ଧୁ ଶ୍ରୀଜଗନ୍ନାଥ। ଓଡ଼ିଆଙ୍କ ପାଇଁ ଶ୍ରୀଜଗନ୍ନାଥଙ୍କୁ କେବଳ ଠାକୁର ବୋଲି ବିବେଚନା କରାଯାଇ ପାରେନା। ପ୍ରତିଟି ଓଡ଼ିଆଙ୍କ ପିଣ୍ଡର ପ୍ରାଣ ସେ, ଅନ୍ତରଙ୍ଗ, ଆତ୍ମୀୟଙ୍କ ଠାରୁ ବଳି। ଆଉ ତାଙ୍କ ଧାମ ନୀଳକନ୍ଦର ଶ୍ରୀକ୍ଷେତ୍ର ପ୍ରତିଟି ଓଡ଼ିଆଙ୍କ ପାଇଁ ମୁକ୍ତି ଆଉ ମୋକ୍ଷର ସ୍ଥାନ। ଶ୍ରୀକ୍ଷେତ୍ରରେ ପାଦ ଦେବା ମାତ୍ରେ ନିଜକୁ ହଜେଇଦିଏ ଭକ୍ତ, ଅଜାଣତରେ ଆନନ୍ଦାଶ୍ରୁ ଗଡ଼ାଏ, ବିଭୋର ହୁଏ। ଠିକ ଏମିତି ନିଜର ପ୍ରତିଟି ପୁରୀ ଗସ୍ତ ସମୟରେ ବିଭୋର ହୋଇ ଉଠୁଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପୁରୀକୁ ଆସୁଥିବା ପ୍ରତିଟି ଶ୍ରଦ୍ଧାଳୁ ଏଠାରୁ କିପରି ଚତୁର୍ଦ୍ଧାମୂରତିଙ୍କୁ ଆନନ୍ଦରେ ଦର୍ଶନ କରି ଦିବ୍ୟ ଅନୁଭବ ନେଇ ଘରକୁ ଫେରିବେ, ମନ୍ଦିର ଚତୁଃପାର୍ଶ୍ୱରେ ସୁରକ୍ଷା ସୁନିଶ୍ଚିତ ସହ କିପରି ସମସ୍ତ ସୁବିଧା ଉପଲବ୍ଧ କରାଯାଇପାରିବ ସେ ନେଇ ସବୁବେଳେ ମୁଖ୍ୟମନ୍ତ୍ରୀ ଚିନ୍ତିତ ଥିଲେ। ଶ୍ରୀମନ୍ଦିରର ସୁରକ୍ଷା, ଭକ୍ତଙ୍କ ସୁବିଧା ଏବଂ ନିରାପତ୍ତା ସହ ଆଗନ୍ତୁକ ଭକ୍ତଙ୍କ ପାଇଁ ସୁନ୍ଦର ଆଧାତ୍ମିକ ପରିବେଶ ସୁନିଶ୍ଚିତ କରିବା ଥିଲା ମୁଖ୍ୟମନ୍ତ୍ରୀଙ୍କ ପ୍ରାଥମିକତା। ଏହି ପ୍ରାଥମିକତାକୁ ସାକାର ରୂପ ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତଜନଙ୍କ ପାଇଁ ଓଡ଼ିଶା ସରକାର ଶ୍ରୀକ୍ଷେତ୍ରର ବିକାଶ କରୁଛନ୍ତି। ପ୍ରତ୍ୟେକ ଓଡ଼ିଆଙ୍କ ସହଭାଗିତାରେ ବିଶ୍ୱନିୟନ୍ତାଙ୍କ ଐତିହାସିକ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ପୂର୍ଣ୍ଣାଙ୍ଗ କରିବା ଉଦ୍ଦେଶ୍ୟରେ ସାରା ରାଜ୍ୟରୁ ଶ୍ରୀକ୍ଷେତ୍ର ଅଭିମୁଖେ ଆରମ୍ଭ କରିଛି ଅର୍ପଣ ରଥ। ଜୟ ଜଗନ୍ନାଥ ଧ୍ୱନିରେ ମୁଖରିତ ହେଉଛି ଓଡ଼ିଶାର ପୁରପଲ୍ଲୀରୁ ସହରାଞ୍ଚଳ ସବୁଠି ଗାଁ ଓ ସହରର ଦାଣ୍ଡ। ମହାପ୍ରଭୁଙ୍କ ପାଇଁ ଏକାକାର ହୋଇଯାଇଛନ୍ତି ନେତା, ଜନତା ଆଉ ସଭିଏଁ। ନାହିଁ ବାଛ ବିଚାର କି ଭେଦଭାବ। ସମାନତାର ଭାବରେ ଉଦବୃଦ୍ଧ ହୋଇଛନ୍ତି ପିଲାଠୁ ବୟସ୍କ। ଦାସିଆ ବାଉରୀ ହାତରୁ ନଡ଼ିଆ ନେବା ଭଳି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତିଟି ପରିବାର ଘରେ ଦୁଆରେ ଥାଇ ବଢ଼ାଇ ଦେଉଛନ୍ତି ଅକ୍ଷତ ଓ ଗୁଆ। ଶ୍ରଦ୍ଧା ଓ ଭଲ ପାଇବାର ଏହି ସମର୍ପଣକୁ ଅର୍ପଣ ରଥରେ ହିଁ ସଂଗ୍ରହ କରାଯାଉଛି। ତେବେ ଏ ସବୁ ଭିତରେ ଗୋଟିଏ ଛୋଟିଆ କଥାଟିଏ ଏହି ଲେଖକର ମନ ଭିତରେ ଉଙ୍କି ମାରୁଛି ତାହାହେଲା ଜଗନ୍ନାଥଙ୍କୁ ଆମେ ସଦାସର୍ବଦା ନିଜର ବୋଲି ଭାବୁଛୁ ତ? ଆଉ ଭାବିଲେ ବି ଏହା କେବଳ ଧର୍ମ ଚେତନା, ଜଗନ୍ନାଥ ଦର୍ଶନ, ରଥଟଣା ବା ମନ୍ଦିର ପ୍ରତିଷ୍ଠାରେ ସୀମିତ ନରହୁ। ସେ ହେଉଛନ୍ତି ଭାବର ଠାକୁର କିଛି ବର୍ଷ ତଳେ ମୁଁ ଏକ ଆଲେଖ୍ୟ ଉପସ୍ଥାପନ କରିଥିଲି ତାହାଥିଲା 'ଆସ ଜୀବନ୍ତ ଈଶ୍ୱର ଛୁଇଁବା'। ଏହାର ଅନ୍ତଃଚେତନା ଏହା ଥିଲା ପୁରୀ ଅଭିମୁଖେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଉଥିବା ସମୟରେ ଅନେକ ଯାଗାରେ ଆମ୍ଭେମାନେ କିଛି ଅସହାୟ, ଦିବ୍ୟାଙ୍ଗ ବା ସାହାଯ୍ୟ ଆଶା କରୁଥିବା ଅପରିଚିତଙ୍କୁ ଦେଖୁଥାଉ। କିନ୍ତୁ ଜଗନ୍ନାଥଙ୍କୁ ଦେଖା ଡ଼େରି ହୋଇଯିବ ଭାବି ତରବରରେ ସେମାନଙ୍କୁ ଅଣଦେଖା କରିଥାଉ। ପ୍ରକୃତରେ ଜଗନ୍ନାଥ କ'ଣ ସେହି ଶ୍ରୀମନ୍ଦିର ଭିତରେ ଆବଦ୍ଧ ରହିଛନ୍ତି। ଆମ୍ଭମାନଙ୍କ ମନ, ଚେତନା ଓ କାର୍ଯ୍ୟ ଭିତରେ ତାଙ୍କ ବାଣୀ, ତାଙ୍କ ମାର୍ଗ, ତାଙ୍କ ଦର୍ଶନ ଯଦି ଆମ୍ଭମାନଙ୍କୁ ପରୋପକାର ପାଇଁ ପ୍ରେରଣା ଦେଉନାହିଁ ତାହାହେଲେ ଆମ୍ଭମାନଙ୍କର ଏହା କେଉଁ ପ୍ରକାର ଭକ୍ତି? ମନ୍ଦିର ଦର୍ଶନ ଭିତରେ ଆମ୍ଭମାନଙ୍କ ଭିତରେ ଜଣେ ଅସହାୟ ବା କ୍ଷୁଧାତୁର କିମ୍ବା ଦିବ୍ୟାଙ୍ଗଟି ଭିତରେ ଜଗନ୍ନାଥଙ୍କୁ ଦେଖି ପାରିନଥାଉ। ତାହାହେଲେ ଆମ୍ଭମାନଙ୍କର ମାନସିକତା ନିଶ୍ଚିନ୍ତ ଭାବେ ଲୋକଦେଖାଣିଆ ବୋଲି ବୁଝା ଯାଉନିତ? ବାସ୍ତବକଥା ହେଉଛି ମହାପ୍ରଭୁ ସବୁକିଛି ନିଜେ ହିଁ କରାଉଛନ୍ତି ଆମେ ସମସ୍ତେ ନିମିତ୍ତ ମାତ୍ର। ମହାପ୍ରଭୁ ଏ ଜାତିର ପରିଚୟ, ଆମ୍ଭମାନଙ୍କର ପରିଚୟ, ଆମେ ଓଡ଼ିଶା ବାହାରେ ଯେଉଁଠିକି ବି ଯାଉ ଜଗନ୍ନାଥ ଦେଶର ଲୋକ କହିବା ମାତ୍ରେ ସେମାନେ ଭାବ ଗଦଗଦ ହୋଇପଡ଼ନ୍ତି। ଆମ୍ଭମାନଙ୍କୁ ସମ୍ମାନର ସହ ସାହାଯ୍ୟ କରିବା ପାଇଁ ଆଗେଇ ଆସନ୍ତି। ମହାପ୍ରଭୁଙ୍କୁ ପ୍ରାର୍ଥନା ସେ ଆମ ସମସ୍ତଙ୍କୁ ପରୋପକାର, ଭାଇଚାରା, ସାମାଜିକ ସୌହାର୍ଦ୍ଦ୍ୟ, ପରିବାର ଓ ସାମାଜିକ ଦାୟିତ୍ୱ, ବୃତ୍ତିନିଷ୍ଠା ପ୍ରତି ସଚ୍ଚୋଟତା ଓ ଅଙ୍ଗୀକାରବଦ୍ଧତା ଆହୁରି ଭରି ଦିଅନ୍ତୁ, ଏ ଜାତିର ଓ କୋଟି କୋଟି ଓଡ଼ିଆ ଭାଇଭଉଣୀଙ୍କର ସର୍ବ ମଙ୍ଗଳ ହେଉ ଏହା ହିଁ କାମନା।


ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ'
କାଠଗୋଲା ରୋଡ଼, ମଙ୍ଗଳାବାଗ,
କଟକ, ମୋ: ୯୪୩୮୨୭୬୭୬୦


# ଓଡ଼ିଶାର ବିକାଶରେ ନବୀନ ମ୍ୟାଜିକ୍



### ବାଦଲ ଭୂୟାଁ

ମୁଣ୍ଡ ଉପରେ ନିର୍ବାଚନ। ଓଡ଼ିଶାରେ ତିନ ତିନଟି ରାଜନୈତିକ ଦଳ ମୈଦାନରେ ପୁରା ଲଢ଼େଇ ପାଇଁ ପ୍ରସ୍ତୁତ କିନ୍ତୁ ଓଡ଼ିଶାର ବିକାଶରେ ସତକଥା ଗୋଟିଏ ହିଁ ମ୍ୟାଜିକ କାମ କରୁଛି ତାହା ହେଉଛି ନବୀନ ମ୍ୟାଜିକ୍। ବିଜେଡ଼ି ଯେଉଁଭଳି ତୃଣମୂଳ ସ୍ତରରୁ ସଂଗଠିତ ହୋଇ ବିକାଶ ପ୍ରକ୍ରିୟାକୁ ଆଗେଇ ନେଉଛି ଅନ୍ୟ ସବୁ ଦଳ ପୁରାପୁରି ଜଲକା। ବିକାଶ ଏକ ନିରନ୍ତର ପ୍ରକ୍ରିୟା। ଏହା ଲକ୍ଷ୍ୟଭିତ୍ତିକ ଓ ଏକ ନିର୍ଦ୍ଦିଷ୍ଟ ସମୟରୁ ଧାର୍ଯ୍ୟ ହୋଇଥିବା ପରବର୍ତ୍ତୀ ଲକ୍ଷ୍ୟ ସ୍ଥଳ ପର୍ଯ୍ୟନ୍ତ କାଳଖଣ୍ଡ ହିସାବରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହୋଇଥାଏ। ବିକାଶ ପ୍ରକ୍ରିୟାରେ ଅନେକ କିଛି ସ୍ପଷ୍ଟ ପ୍ରତୀୟମାନ ହୁଏ, ରୂପାନ୍ତରଣର ପ୍ରଭେଦ ବାରି ହୁଏ ଓ ଆଉକିଛି ଦୃଶ୍ୟମାନ ନ ହେଲେ ମଧ୍ୟ ସ୍ପଷ୍ଟ ଅନୁଭବ କରିହୁଏ। ଜନଜୀବନରେ ବିକାଶ ପ୍ରକ୍ରିୟାର ବିଭିନ୍ନ କାର୍ଯ୍ୟ ଓ ସ୍ଥିତିକୁ ଆକଳନ କରିହୁଏ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାରଙ୍କ ମୌଳିକ ଦାୟିତ୍ୱ ହେଲା ଲୋକ କଲ୍ୟାଣକୁ ଅଗ୍ରାଧିକାର ଦେବା ସହିତ ବିକାଶ ପ୍ରକ୍ରିୟାକୁ ଆଗେଇ ନେବା। ଏଥିରେ ତ୍ରୁଟି ଘଟିଲେ ବା ଲୋକେ ସନ୍ତୁଷ୍ଟ ନହେଲେ ସରକାରଙ୍କୁ ନିର୍ବାଚନ ସମୟରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼େ। କିନ୍ତୁ ଗୋଟିଏ ସରକାର କ୍ରମାଗତ ଭାବେ ପାଞ୍ଚଥର ନିର୍ବାଚିତ ହେବା ପଛରେ ତାହାର ଶାସନ ଓ ବିକାଶ କାର୍ଯ୍ୟଧାରକୁ ସଂଖ୍ୟାଧିକ ଜନତା ଯେ ସମର୍ଥନ କରୁଛନ୍ତି, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଏହି ପରିପ୍ରେକ୍ଷୀରେ ଦେଖିଲେ ଓଡ଼ିଶାର ସାମ୍ପ୍ରତିକ ଶାସନ ବ୍ୟବସ୍ଥା ଯେ ଯଥାର୍ଥରେ ବିକାଶ କୈନ୍ଦ୍ରିକ ଏଥିରେ ଆଦୌ ସନ୍ଦେହ ନାହିଁ।

୨୦୦୦ ପୂର୍ବର ଓଡ଼ିଶା ଓ ଆଜିର ଓଡ଼ିଶା ମଧ୍ୟରେ ଯେ ଆକାଶ ପାତାଳ ପରିବର୍ତ୍ତନ ଘଟିଛି, ଏକଥା ସର୍ବଜନବିଦିତ। ଏକଦା ଦାରିଦ୍ର୍ୟ, ଅନାହାର, କୁପୋଷଣ, ଶିଶୁ ଓ ମାତୃ ମୃତ୍ୟୁ, ବେକାରୀ, ଯୋଗାଯୋଗ, କୃଷି, ଶିଳ୍ପ, ଶିକ୍ଷା ଓ ସାମାଜିକ ଦୁଃସ୍ଥିତି ଆଦି ସବୁକ୍ଷେତ୍ରରେ ଅନଗ୍ରସର ରହି ଜାତୀୟ ତାଲିକାରେ ସବାଶେଷରେ ରହିଥିବା ଓଡ଼ିଶା ଏବେ ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରି ସର୍ବଭାରତୀୟ ସ୍ତରରେ ଆଗଧାଡ଼ିର ରାଜ୍ୟଙ୍କ ସହ ସମକକ୍ଷ ହୋଇପାରିଛି। ଓଡ଼ିଶା ବିକାଶର ପ୍ରୟୋଗଶାଳା ପାଲଟିବା ସହିତ ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଆଦର୍ଶ ମଧ୍ୟ ହୋଇଛି। ସବୁଠୁ ଅଧିକ କଛି ଘଟୁଥିବା ରାଜ୍ୟ ତାଲିକାରେ ଓଡ଼ିଶା ସ୍ଥାନ ପାଇଛି ଏବଂ ପ୍ରତ୍ୟେକ କ୍ଷେତ୍ରରେ ଆମ ରାଜ୍ୟରେ କିଛି ନା କିଛି ପ୍ରଗତିମୂଳକ କାର୍ଯ୍ୟ ଚାଲିଛି।

ଓଡ଼ିଶାର ଏହି ପ୍ରଗତି ପାଇଁ ରାଜ୍ୟ ସରକାର ଓ ଏହାର ରାଜନୈତିକ ନେତୃତ୍ୱକୁ ଭୋଟର କେବଳ ନିରନ୍ତର ବିପୁଳ ସମର୍ଥନ ଯୋଗାଉ ନାହାଁନ୍ତି, ବରଂ ଜାତିସଂଘ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କ, ୟୁନିସେଫ, ବିଶ୍ୱ ଖାଦ୍ୟ ସଂଗଠନ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ନିତି ଆୟୋଗ ଏବଂ ଭାରତ ସରକାର ଓ ତାଙ୍କର ବିଭିନ୍ନ ସଂସ୍ଥା ମଝିରେ ମଝିରେ ପ୍ରଶଂସା କରିବା ସହିତ ବିକାଶର ପ୍ରୟୋଗ, ପରୀକ୍ଷା ନିରୀକ୍ଷା ଓ ସଫଳତାକୁ ଅନ୍ୟତ୍ର ମଡ଼େଲ ଭାବେ ଗ୍ରହଣ କରିବାକୁ ଖୋଲାଖୋଲି ମତ ରଖୁଛନ୍ତି। ଏତେସବୁ ସଫଳତା ସତ୍ତ୍ୱେ ରାଜ୍ୟର କେତେକ ଗୋଷ୍ଠୀଙ୍କୁ ଓଡ଼ିଶାର ବିକାଶ ଦେଖା ନଯିବା ବା ଅନୁଭୂତ ନ ହେବା କେବଳ ବିଡ଼ମ୍ବନା ନୁହେଁ, ଦୁର୍ଭାଗ୍ୟଜନକ ମଧ୍ୟ। ବିକାଶ ତ ଜଳଜଳ ଦିଶୁଛି, ତେବେପ କେତେକଙ୍କୁ ନ ଦେଖାଯିବା ପ୍ରସଙ୍ଗଟା ଦିବ୍ୟ ବିକାଶ ଦୃଷ୍ଟିର ଅଭାବ ବୋଲି ସମୀକ୍ଷକମାନେ ମତ ଦିଅନ୍ତି। ଓଡ଼ିଶାର ରୂପାନ୍ତରଣ ଏକ ପ୍ରମାଣିକ ସତ୍ୟ। ଆମ ରାଜ୍ୟ ବଦଳିଛି ଓ ବଦଳୁଛି। ପରିବର୍ତ୍ତନର ସୁଦୀର୍ଘ ପ୍ରକ୍ରିୟା ରହିଛି। ଏଥିରେ ଗ୍ଲାସ କେତେ ପୂରଣ ହୋଇଛି ଓ କେତେ ଖାଲି ରହିଛି, ତାହା ଦିବାଲୋକ ପରି ସ୍ପଷ୍ଟ ଦେଖାଯାଉଛି। ଯିଏ ବୁଝିବା ବାଲା ସେ ଗ୍ଲାସର ପୂରଣ ହୋଇଥିବା ଅଂଶ ଦେଖିବ ଏବଂ ତାହାକୁ ମାପିବ ନିନ୍ଦକଙ୍କୁ ତ ଖାଲି ଅଂଶଟା ହିଁ ଦେଖାଯିବ। ସବୁ ବୁଝି ଯିଏ ଅବୁଝା ହେବ ତାକୁ ଯେତେ ବୁଝାଇଲେ ମଧ୍ୟ ସେ ବଦଳିବ ନାହିଁ। ଏହା ସଂକୀର୍ଣ୍ଣ ମାନସିକତାର ପରିଚୟ। ନକାରାତ୍ମକ ବିଚାରର ଲୋକଙ୍କୁ ବିକାଶ ଓ ସଫଳତା ଦିଶେ ନାହିଁ। ସେଥିପାଇଁ ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଆଶ୍ଚର୍ଯ୍ୟ ପ୍ରକାଶ କରି କହିଛନ୍ତି ଯେ ବିରୋଧୀଙ୍କୁ ଓଡ଼ିଶାର ବିକାଶ ଓ ପରିବର୍ତ୍ତନ ଦେଖାଯାଉନାହିଁ କିପରି? ସେମାନେ ସରକାରଙ୍କ ବିରୋଧରେ ମିଥ୍ୟା ଓ ମନଗଢ଼ା ପ୍ରଚାର ଚଳାଇଛନ୍ତି। ଏହି ଅପପ୍ରଚାର ବିଷୟରେ ରାଜ୍ୟବାସୀ କିନ୍ତୁ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି। ୫ଟି ଓ ନବୀନ ଓଡ଼ିଶାର ଅଧକ୍ଷ ଶ୍ରୀ ପାଣିଆନ ମଧ୍ୟ ସମାନ ମନ୍ତବ୍ୟ ଦେଇଛନ୍ତି। ତାଙ୍କ ମତରେ ସବୁଗୋଷ୍ଠୀ ଓଡ଼ିଶାର ବିକାଶକୁ ଭଲ ଭାବେ ଦେଖି ବୁଝି ହୃଦୟଙ୍ଗମ କରିବା ଆବଶ୍ୟକ। କେତେକ ଗୋଷ୍ଠୀ ପ୍ରଗତିକୁ ନଦେଖିଲା ପରି ରହି ସରକାରଙ୍କୁ ସମାଲୋଚନା କରିବା କେବଳ ଶସ୍ତା ରାଜନୈତିକ ବିରୋଧ। ସୁସ୍ଥ ଗଣତନ୍ତ୍ରରେ ଗଠନମୂଳକ ସମାଲୋଚନା ପାଇଁ ସିନା ସ୍ଥାନ ଅଛି। କେବଳ ଦାୟିତ୍ୱବାନ ଓ ସଚ୍ଚା ଜନନେତାମାନେ ଦଳମତ ନିର୍ବିଶେଷରେ ବିକାଶକୁ ଦେଖିପାରନ୍ତି ଏବଂ ଏକ କାମିକା ସରକାରଙ୍କୁ ପ୍ରଶଂସା କରିଥାନ୍ତି। ଆମ ମତରେ ଓଡ଼ିଶାର ସତୁରି ଲକ୍ଷ ମହିଳା ମିଶନ ଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାବଲମ୍ବୀ ହୋଇ ସ୍ୱୟଂ ସହାୟିକା ଗୋଷ୍ଠୀରୁ କ୍ଷୁଦ୍ର ଉଦ୍ୟୋଗୀ ଆଡ଼କୁ ଗତିଶୀଳ ହେବାଟା କଣ ମିଥ୍ୟା? ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧କୋଟି ୨୦ ଲକ୍ଷ ପରିବାର ଉପକୃତ ହେଉଛନ୍ତି, ତାହା କଣ ଅସତ୍ୟ? ରାଜ୍ୟର ୬ ହଜାରରୁ ଅଧିକ ସଂଖ୍ୟକ ସରକାରୀ ସ୍କୁଲ ରୂପାନ୍ତରଣ ପ୍ରକ୍ରିୟାରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷା ପହଞ୍ଚାଉଛନ୍ତି ତାହା ତ ଆମେ ସମସ୍ତେ ଦେଖୁଛେ। ସରକାରୀ ସ୍କୁଲରେ ମୋଟ ଛାତ୍ର ସଂଖ୍ୟା ବେସରକାରୀ ସ୍କୁଲର ଛାତ୍ର ସଂଖ୍ୟାଠାରୁ ଯେ ଅଧିକ ହେଲାଣି ତାହା କଣ ପ୍ରଗତିର ପ୍ରମାଣ ନୁହଁ? କ୍ଷୁଦ୍ର ଓ ନାମମାତ୍ର ଚାଷୀ ତଥା ଭୂମିହୀନ କୃଷି ଶ୍ରମିକ ଆଦିଙ୍କୁ କାଳିଆ ଯୋଜନା ଯେ ଲାଭ ପହଞ୍ଚାଇଛି ଏହାତ ଜଳ ଜଳ ଦିଶୁଛି। ରାଜ୍ୟ ସରକାର ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ରମାନ ସ୍ଥାପନ ହୋଇ ଉନ୍ନତ ମାନବ ସମ୍ବଳ ସୃଷ୍ଟି ଓ ନିଯୁକ୍ତିର ନୂଆ ସମ୍ଭାବନା ନିର୍ମାଣ ହୋଇ ଚାଲିଛି। ଏହା ସ୍ୱୀକାର କରିବାରେ ଅସୁବିଧା କଣ? ଓଡ଼ିଶଶର ଦ୍ରୁତ ଶିଳ୍ପାୟନ ନିମନ୍ତେ ସରକାରଙ୍କ ନିରନ୍ତର ବିଶେଷ ଅଭିଯାନ ଫଳସ୍ୱରୂପ ଦେଶର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ସର୍ବାଧିକ ପୁଞ୍ଜି ନିବେଶ ହୋଇ ରାଜ୍ୟ ବିକାଶର ଆହୁରି ଉଜ୍ଜ୍ୱଳ ଭବିଷ୍ୟତ ସୂଚାଉ ନାହିଁ କି? ବିତ୍ତୀୟ ପରିଚାଳନା କ୍ଷେତ୍ରରେ ଉତ୍ତମ ସଫଳତା ଲାଭ କରି ଏବଂ ରାଜ୍ୟ ଅର୍ଥନୀତିରେ ଋଣ ଭାରରେ ଉଲ୍ଲେଖନୀୟ ହ୍ରାସ ଘଟିବା କଥା ଦେଶବିଦେଶରେ ପ୍ରଶଂସା କରାଯାଉଥିବାବେଳେ ରାଜ୍ୟରେ କେତେକ ଗୋଷ୍ଠୀ ଏହାକୁ କିପରି ଅଣଦେଖା କରୁଛନ୍ତି? ସର୍ବୋପରି ଶ୍ରୀକ୍ଷେତ୍ର ଓ ଏକାମ୍ର କ୍ଷେତ୍ର ସମେତ ରାଜ୍ୟସାରା ବହୁ ଧାର୍ମିକ ପୀଠର ପୁନରୁଦ୍ଧାର, ପରିବର୍ଦ୍ଧନ ତଥା ସୌନ୍ଦର୍ଯ୍ୟକରଣ ଯେ ରାଜ୍ୟବାସୀଙ୍କ ହୃଦୟକୁ ଛୁଇଁପାରିଛି। ଏହା କିଏ ବା ଅନୁଭବ ନ କରୁଛି? ୫ଟି ଓ ନୀବନ ଓଡ଼ିଶା, ମୋ ସରକାର, ମୋ ସ୍କୁଲ, ମୋ କଲେଜ, ଜାଗା ମିଶନ, ପ୍ରତି ଘରକୁ ପାଇପ ପାଣି ଯୋଗାଣ, ବିଜୁ ଏକ୍ସପ୍ରେସ ୱେ ଓ ସୁଦୀର୍ଘ ଅର୍ଥନୈତିକ କରିଡ଼ର ସ୍ଥାପନ ଆଦି ରାଜ୍ୟସାରା କ୍ରୀଡ଼ା ଭିତ୍ତିଭୂମିକର ସମ୍ପ୍ରସାରଣ ଓ ଆଧୁନିକୀକରଣ, ଯାହା ଭୁବନେଶ୍ୱରକୁ ଭାରତର କ୍ରୀଡ଼ା ରାଜଧାନୀ ଭାବେ ମାନ୍ୟତା ଦେଇଛି, ଏସବୁ ଯେ ବିକାଶ ଓ ଜନସେବାର ବାଇଶି ପାହାଚ ସଦୃଶ ପବିତ୍ର ଏକଥା ସ୍ୱୀକାର କରିବା ପାଇଁ କେତେକ କୁଣ୍ଠିତ କାହିଁକି?


+ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ
ଆପାର୍ଟମେଣ୍ଟ, ୭ ଏକ୍ସଟେନସନ
ରୋଡ଼, ପୁରୁଣା ସୋନାରୀ,
ଜାମସେଦପୁର,
ମୋ : ୭୪୮୮୯୯୮୫୩୨


## କବିତା କୋଣାର୍କ

### ମଧୁମୟ ଜୀବନ ଅଧ୍ୟାୟ

**ବେଣୁଧର ସୂତାର**



ତ୍ରିଗୁଣ ମୟାର ମିଠା ସମ୍ମୋହନ
ଏ ମାୟା ସଂସାର ଗୋଲକ ଧନ୍ଦା
ଭାବ କଳୁଷିତ ମାୟା ବିଜଡିତ
ବିଷୟା ବିଷରେ ଏ ମନ ଛନ୍ଦା ।

ଅଢ଼େଇ ଦିନର ଜୀବନ ଯାତରା
ମୃତ୍ୟୁର କଠୋର କଟାକ୍ଷ କୋଳେ
ଏଭବ ଶୟଳେ ସୁଖ ଦୁଃଖ ପର୍ବ
ଭାଗ୍ୟ ଭାଗଫଳ କରମ ବଳେ ।

ଭୋଗଅନୁଭୋଗ ସଂସାରସମ୍ଭୋଗ
ପାପ ପିଆଲାର ପାର୍ଥିବ ରାସ
ବେଦନା ବହ୍ନିରେ ଜଳଇ ଆୟୁଷ
କାମ କାମନାର ନହୁଏ ଶେଷ ।

ବିଭୁ ପ୍ରେମସ୍ରୋତ ପାବନ ଅମୃତ
ସେ ପୀୟୂଷ ସ୍ରୋତେ କରତୁ ସ୍ନାନ
ମୁକ୍ତିର କାରଣ ଚିନ୍ମୟ ଚରଣ
ସେଇପରା ଷଡ ଐଶ୍ୱର୍ଯ୍ୟ ଧନ ।

ଅନ୍ତର ଆତ୍ମାର ପୂତ ଅନ୍ତଃସ୍ୱର
ପ୍ରଣବର ଆଦ୍ୟ ଓଁକାର ସୁର
ମନଗହନରେ ଝଲସି ଉଠିବ
ଲଳିତ ଲାବଣ୍ୟ ରୂପ ସୁନ୍ଦର ।

ମୋକ୍ଷ ମୁକ୍ତିର ନିର୍ବିକଳ୍ପ ଚିନ୍ତା
ଚେତନା ଜୀବନେ ଦୁର୍ଲ୍ଲଭ ଦିଶା
ଅନନ୍ତ ପ୍ରେମର ଅମୃତ ଭାବନା
ପରିପୂର୍ଣ୍ଣ କରେ ପବିତ୍ର ଆଶା ।

ଭାବ ସୁରଭିର ଅମୃତ ଲହରି
ଭକ୍ତି ରସ ଛନ୍ଦେ ବିଭୋର ମନ
ମନ ମନ୍ଦିରରେ ଧ୍ୱନିର ଆବେଗ
ମଧୁ ମୂର୍ଚ୍ଛନାର ଚାରୁ ନିଃସ୍ୱନ ।

ଧୂପ ଆଳତିର ମଧୁର ପ୍ରଣତି
ଭାବ ବିଭୂତିର ତନ୍ମୟ ଛନ୍ଦ
ଓଁକାର ଧ୍ୱନିର ମୁଗ୍ଧ ଆବାହନୀ
ପୁଲକିତ କରେ ହୃଦୟ କନ୍ଦ ।

ପବିତ୍ର ଚିତ୍ତରେ ପୂତ ନିରାଜନା
ଅମୃତ ଅର୍ଚ୍ଚନା ନିଷ୍କାମ ମନା
ଜୀବନ ଅଧ୍ୟାୟ କରେ ମଧୁମୟ
ବିଭୁ ନିରାଜନା ଶୁଦ୍ଧ ଭାବନା ।

ଅମୃତମୟ ସେ ଭାବର ନିର୍ଝର
ଶାଶ୍ୱତ ପ୍ରୀତିର ଲଳିତ ରାଗ
ବିଭୁ ଚେତନାର ତନ୍ମୟ ଚିନ୍ତନ
ମୋକ୍ଷ ମୁକତିର ସୁଧା ପରାଗ ।

ପରମ ପ୍ରେମର ମଧୁର ଭାବନା
ଚେତନାରେ ଦିବ୍ୟ ଚିନ୍ମୟ ସତ୍ତା
ବିଭୁ ପ୍ରୀତିଭାବ ଶାଶ୍ୱତ ବିଭବ
ବିଶ୍ୱାସରେ ଭରେ ବିଶ୍ୱମୟତା ।


କେଶଦୁରାପାଳ କେନ୍ଦୁଝର
ମୋ:୯୧୭୮୫୬୮୨୪୬


### ଶୁଣ ନିର୍ଦ୍ଦେଶକ

**ଦିନେଶ ମେହେର**

ତମ ନିର୍ଦ୍ଦେଶନାରେ
ଆଜି କୋଟି କୋଟି ଅଭିନେତା
ଅଭିନୟରେ ବ୍ୟସ୍ତ,

କିଏ ଆହ୍ୱାନ କରେ ଶାଶ୍ୱତ ପ୍ରେମକୁ
କିଏ ପୁଣି ଉପହାସ କରେ
ବିଧାତାର କଳ୍ପିତ କାହାଣୀକୁ,
ତମେ ତ ଜାଣିଛ, ଜାଣୁଛ,
ହୁଏତ ବୁଝୁଛ ମଧ!

ସତରେ କଣ
ଏଇ ରଙ୍ଗମଞ୍ଚରେ ଦୀର୍ଘ ଦିନ ଧରି
ଚାଲିଆସୁଥିବା ନାଟକଟି
ଏମିତି ଭାବରେ ରଚିତ?
ସତରେ କଣ
ଏଠି ଧୂଳି ଫୋପଡା ଯାଏ
ଭାତଥାଳିରେ,
ଟେକା ପକା ଯାଏ ଅନ୍ୟ ଘର
ଆଗରେ,
ଏହା ତୁମ କାହାଣୀ?

କହ,
ଏଇ କାହାଣୀ ର ନାୟକ କିଏ,
କିଏ ନାୟିକା
ପୁଣି ଖଳ ନାୟକର ପରିଚୟ କଣ?
ହୁଏତ ମୁଁ, ତୁମେ ,ନା ଆଉ କିଏ
ଉତ୍ତର ଦେବା ପାଇଁ ବିବ୍ରତ ହୁଅନା?

ତମେ
ରଚିଥିବା ଏଇ ନାଟକରେ କଣ
ମଣିଷତ୍ୱ ହଜି ଯାଏ,
ସ୍ନେହ ପ୍ରେମ ଅନ୍ତର୍ଦ୍ଧାନ ହେଇଯାଏ,
ଅବା ସରିଯାଏ ମମତା ର ଆୟୁଷ,
ଦେଖୁଛ ତ
ଲକ୍ଷ ଲକ୍ଷ ଜୀବନର ଭାଗ୍ୟ ସମାଧି
ସାଜି ଯାଇଛି
ଏଇ ଧରିତ୍ରୀ କୋଳରେ,
ତେବେ କହିପାରିବ କି
ଏଇ ନାଟକର ଶେଷ ଦୃଶ୍ୟ
କଣ ହେଇପାରେ?


ପଳାସ, କଳାହାଣ୍ଡି


### ବଡ଼ ପରି ତୁମେ ଲାଗିଛ

**ସୁରେନ୍ଦ୍ର ନାଥ ସାହୁ**



ବସି ବସି ହସି ହସି
କହି ନଥିଲ ତୁମେ
ମୋତେ ଭଲ ପାଉଛ।
ମାସ ମାସ ବର୍ଷ ବର୍ଷ
ମୋତେ ପ୍ରେମ କରି
କେତେ କଷ୍ଟ ସହିଛ।
ନିଜ ପାରିବା ପଣରେ
ସମାଜର ଆଡ଼ିବନ୍ଧକୁ
ଆଡେଇ ପିଟା ଖାଇଛ।
ଗାଳି ନିନ୍ଦା ଅପମାନର
ଜହରକୁ ହଜମ କରି
ମୋତେ ହସାଇ ହସିଛ।
ବାହାନାର ବାହାନ ଚଢି
ଆସୁ ଆସୁ ରାସ୍ତାରେ
ଧରା ପଡି ବି ନଡରିଛ।
ନଦେଖିଲେ ଦିନଟିଏ
ତୁମକୁ କଷ୍ଟ ହେଉଥିଲା
ଲୁହ ଛୁପାଇ କାନ୍ଦିଛ।
ମୋ ଫେରିବା ବାଟକୁ
ଚାହିଁ ଚାହିଁ ବସି ରହି
କେତେକ କଣ ଭାବିଛ।
ଛୁପି ଛୁପାଇ ଛୁପାଇ
ଲେଖି ଭାବ ବେଦନାକୁ
ଅନେକ ଚିଠି ପଠାଇଛ।
କେବେ କିଛି ମାଗିନଥିଲ
ଥରୁଟିଏ ବି ପ୍ରୀୟା ଗୋ
ଅନେକ କିଛି ଦେଇଛ।
ବିଶ୍ୱାସ ଅବିଶ୍ୱାସ କ'ଣ
ମୋ ନିଶ୍ୱାସ ଠାରୁ ବି
ବଡ଼ ପରି ତୁମେ ଲାଗିଛ।


କଳମ୍ବ (ଡିହସାହି)
ପୋଲସରା, ଗଞ୍ଜାମ
୭୬୧୧୦୫
ମୋ : ୮୧୨୮୯୧୯୨୫୬


# ଭିକ୍ଷୁକ ବ୍ରାହ୍ମଣ ଓ ଡକାୟତ

## ସନ୍ତୋଷ କୁମାର ଅଦାବର

ଜଣେ ଉଦାରମନା ଭିକ୍ଷୁକ ବ୍ରାହ୍ମଣ ଭିକ୍ଷା ବୃତ୍ତି କରି ନିଜର ତିନି ପ୍ରାଣୀ କୁଟୁମ୍ବ ପ୍ରତିପାଳନ କରୁଥିଲେ । ଆଖ ପାଖ କିଛି ଗ୍ରାମରୁ ପ୍ରତିଦିନ ଭିକ୍ଷା କରି ଯାହା ପାଆନ୍ତି ସେଥିରେ ଖୁସି ମନରେ ସେମାନେ ଚଳନ୍ତି। ସେ ପ୍ରତିଦିନ ଗୋଟିଏ ନିଛାଟିଆ ବାଟଦେଇ ଭିକ୍ଷା କରି ଯାଆନ୍ତି । ଏଇ ଅଳ୍ପଦିନ ହେବ ଗୋଟିଏ ଡକାୟତ ତା'ର ଡକାୟତ ଗୋଷ୍ଠୀ ସହ କୌଣସି କାରଣରୁ ଝଗଡ଼ା କରି ଏକା ଏକା ସେହି ନିଛାଟିଆ ରାସ୍ତାରେ ତା'ର ଡକାୟତି କାମ କରୁଥାଏ। ଭିକ୍ଷୁକ ବ୍ରାହ୍ମଣଙ୍କୁ ଦିନେ ଏକୁଟିଆ ଦେଖି ସେ ତାଙ୍କୁ ଭୟଭୀତ କରାଇଲା। କହିଲା- 'ତୁମେ ମୋତେ ପ୍ରତିଦିନ ଯଦି ତୁମ ମାଗିଆଣି ଥିବା ଭିକ୍ଷାରୁ ଅଧା ନ ଦିଅ, ତେବେ ମୁଁ ତୁମକୁ ଖୋଜି ଖୋଜି ଏ ନିଛାଟିଆ ସ୍ଥାନକୁ ଆଣି ହତ୍ୟା କରିବି।' ଭୟଭୀତ ନ ହୋଇ ବ୍ରାହ୍ମଣ ଜଣକ ଅଳ୍ପ ହସି ଉଦାରତାର ସହ ସେ ଡକାୟତର କଥାରେ ରାଜି ହେଲେ ।

ସବୁଦିନ ବ୍ରାହ୍ମଣ ଜଣକ ସେହିପରି ତାଙ୍କର ମାଗି ଆଣିଥିବା ଭିକ୍ଷାର ଅର୍ଦ୍ଧେକ ସେ ଡକାୟତକୁ ଖୁସି ମନରେ ଦେଇ ଦିଅନ୍ତି ଏବଂ ଅବଶିଷ୍ଟ ଅଧା ଭିକ୍ଷା ଧନ ଧରି ନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କରନ୍ତି। କିନ୍ତୁ ସେ ବ୍ରାହ୍ମଣ ଜଣକ ସବୁଥର ସେ ଡକାୟତ ସହ ମଧୁର ଭାବରେ ସୁଖ ଦୁଃଖ ପଦିଏ ଦି'ପଦ କଥା ହୁଅନ୍ତି । ଡକାୟତ ଜଣକ ନିଜ ଗୋଷ୍ଠୀ ଛାଡ଼ି ଆସି ଏକା ହୋଇ ଯାଇଥିବାରୁ ବହୁତ କମ୍ ଧନ ଲୁଣ୍ଠନ କରିପାରେ। ଏହିପରି କିଛି ଦିନ ବିତିଗଲା।

ଦିନେ ବ୍ରାହ୍ମଣ ଭିକ୍ଷୁକ ଜଣକ ଅସୁସ୍ଥତା ହେତୁ ଅନ୍ୟ ଦିନଠାରୁ ବହୁତ କମ୍ ଭିକ ପାଇଥାଆନ୍ତି। ତାହା ଆଣି ଦୁଇ ଭାଗ କରି ସେଥିରୁ ଗୋଟିଏ ଭାଗ ଡକାୟତକୁ ଦେଲେ। ଅତିକମ୍ ଭାଗ ପାଇ ଡକାୟତ ଜଣକ ଏହାର କାରଣ ପଚାରିବାରୁ ବ୍ରାହ୍ମଣ ଜଣକ ସବୁ ସତ କଥା ବ୍ୟକ୍ତ କରି ଦେଲେ। ତଥାପି ବ୍ରାହ୍ମଣଙ୍କର ମୁହଁରେ ଆଦୌ ବିଚଳିତ ତଥା ଦୁଃଖିତ ଭାବ ପ୍ରକାଶ ପାଉ ନ ଥାଏ। ଏଥର ଡକାୟତର ମନ ତରଳି ଗଲା। ଉଦାରମନା ଭିକ୍ଷୁକ ବ୍ରାହ୍ମଣଙ୍କୁ ସେ ସବୁ ଫେରାଇ ଦେବା ସହ ଆଗକୁ ଆଉ ସେ ଭାଗ ନେବ ନାହିଁ ବୋଲି କହିଲା। ଡକାୟତର ହଠାତ ଏଭଳି ପରିବର୍ତ୍ତନ ଦେଖି ବ୍ରାହ୍ମଣ ଜଣକ ଆଶ୍ଚର୍ଯ୍ୟ ହୋଇଗଲେ। ସେ ପଚାରିବା ଆଗରୁ ଡକାୟତ ଜଣକ କହିଲା- ହେ ମହାଶୟ, ମୁଁ ଜଣେ ଚୋର ଡକାୟତ ପରିବାରର। ଛୋଟ ବେଳୁ ଏହା ଦେଖି ଆସୁଅଛି । ନିଜେ ମଧ୍ୟ ଡକାୟତ ହୋଇଗଲି। ରାଜାଙ୍କ ଦ୍ୱାରା ବନ୍ଧା ହୋଇ ଶାସ୍ତି ପାଇବି ବୋଲି ମୋର ମନରେ ସବୁବେଳେ ଭୟ। ମନରେ ଶାନ୍ତି ନାହିଁ। ଏଯାଏ ମୁଁ ଅବିବାହିତ। କେବଳ ନିଜ କଥା ଚିନ୍ତା କରୁଛି। କିନ୍ତୁ ଆପଣଙ୍କୁ ଦେଖିଆସୁଛି ଆପଣ ଜଣେ ବହୁତ ଭଲ ମଣିଷ। ଆପଣ କିଛି ନ ଭାବି ଖୁସି ମନରେ ମୋତେ ଭାଗ ଦେଉଛନ୍ତି, ଏପରିକି ଆଜି କମ୍ ଭିକ ପାଇ ମଧ୍ୟ ଆପଣ ମୋତେ ଭାଗ ଦେଲେ। ଆପଣଙ୍କର ଏଇ ସବୁ ମୋତେ ବହୁତ ଭଲ ଲାଗୁଛି।' ଭିକ୍ଷୁକ ବ୍ରାହ୍ମଣ ଏହା ଶୁଣି ଅଳ୍ପ ହସି ମନେ ମନେ ଭାବିଲେ ଯେ ଡକାୟତ ଜଣକ ତାଙ୍କ ପ୍ରଭାବରେ ଆସି ଖଳ ପ୍ରକୃତି ତ୍ୟାଗ କରିଛନ୍ତି। ତା'ପରେ ସେ କହିଲେ- ତୁମକୁ ମୋର ଗୋଟିଏ ଅନୁରୋଧ। ମାନିବ ଯଦି କହିବି। ଡକାୟତ- କୁହନ୍ତୁ। ବ୍ରାହ୍ମଣ- ତୁମେ ଏ ଚୋରି ଡକାୟତି ଧନ୍ଦା ଛାଡ଼ି ଦିଅ ଏବଂ ପରିଶ୍ରମ କରି ଅର୍ଥ ରୋଜଗାର କରି ବଞ୍ଚ।



ଡକାୟତ- ତେବେ ମୁଁ କ'ଣ କରିବି। କେହି ମୋତେ ବିଶ୍ୱାସ କରିବେ ନାହିଁ। ବ୍ରାହ୍ମଣ- ' ତା'ହେଲେ ତମେ ଏକ ଅଚିହ୍ନା ସହରକୁ ଚାଲିଯାଅ, ଯେଉଁଠି କେହି ତୁମକୁ ଡକାୟତ ଚୋର ବୋଲି ଜାଣି ନ ଥିବେ। ତୁମର ଏହି ହୃଷ୍ଟପୁଷ୍ଟ ହାତ ଗୋଡକୁ ଭଲ କାମରେ ବ୍ୟବହାର କରିବ। ପରିଶ୍ରମ କରି ଦୁଇ ପଇସା ଉପାର୍ଜନ କରିବ। ବହୁତ ଶାନ୍ତିରେ ବଞ୍ଚି ପାରିବ।' ବ୍ରାହ୍ମଣଙ୍କ କଥାରେ ଡକାୟତ ଜଣକ ରାଜି ହୋଇଗଲା। ଡକାୟତ ଜଣକ ଦୂରକୁ ଏକ ଅଜଣା ଅଚିହ୍ନା ସହରକୁ ଯାଇ କଠିନ ପରିଶ୍ରମ କରି ଅର୍ଥ ଉପାର୍ଜନ କଲା ଏବଂ ସାଧୁ ଉପାୟରେ ଜୀବନ ଯାପନ କଲା। ବିବାହ କରି ସେ ସୁଖରେ ଜୀବନ ଜୀଇଁଲା। କିଛି ବର୍ଷ ପରେ ସେ ବ୍ରାହ୍ମଣ ପାଖକୁ ତା'ର ସପରିବାର ସାକ୍ଷାତ କରିବାକୁ ଆସିଲେ। ବ୍ରାହ୍ମଣ ଏହା ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଗଲେ।

ପ୍ରକୃତରେ ଖଳ ପ୍ରକୃତିର ଲୋକ ମଧ୍ୟ ଉଦାର, ଶାନ୍ତ ସ୍ୱଭାବର ଲୋକଙ୍କ ସଂସ୍ପର୍ଶରେ ଆସିଗଲେ ତା'ର ମନ୍ଦ ସ୍ୱଭାବରେ ପରିବର୍ତ୍ତନ ହୋଇ ଏକ ଭଲ ମଣିଷ ହୋଇଥାଏ।


+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮


# ନୂଆବର୍ଷ ବଣଭୋଜି



## ପ୍ରଦ୍ୟୁମ୍ନ ପଟ୍ଟନାୟକ



ବୁଢୀମା କହେ ଥୁରୁଥୁରୁ ଶୀତ ଦେହକୁ ହିତ। ହେମାଳିଆ କୋହଲା ପବନ ଯେତିକି ଦେହ ଥରାଇ ଦିଏ ସେତିକି ଉଷୁମ ଲାଗେ ସଫା ଆକାଶର ସୂର୍ଯ୍ୟ କିରଣ । ସକାଳ ହେବା ମାତ୍ରେ ଚାରିଆଡ଼େ ବିଛାଡ଼ି ହୋଇ ଯାଉଥାଏ ନରମ ଖରା।

ପୌଷ ମାସରେ କ୍ଷେତରୁ ଫସଲ କଟା ହୋଇ ଖଳାକୁ ଆସିଲାଣି । ଧୀରେ ଧୀରେ ମଳା ହୋଇ ଅମାରକୁ ଯିବ । କିଛି ବି ଅମଳ ହୋଇ ମଣ୍ଡିକୁ ଗଲାଣି । ସବୁରି ହାତରେ ଧନ । ଘରେ ଘରେ ଲକ୍ଷ୍ମୀ ବିରାଜମାନ ।

ଆସୁଛି ବଡ଼ ଦିନ ସାଙ୍ଗକୁ ନୂଆ ବର୍ଷ । ସ୍କୁଲ ଛୁଟି ହୋଇ ଯାଇଥିବାରୁ ସବୁ ସାଙ୍ଗସାଥି ଏକାଠି ହୋଇ ଥାଆନ୍ତି । ଗାଆଁ ଠୁଁ ସହର ସବୁ ମାତି ଥା'ନ୍ତି ବଣଭୋଜି କରିବାରେ । ନକୁଳ, ଗୋକୁଳ, ରବି, ରତନା ସାଙ୍ଗ ହୋଇ ଖେଳୁ ଖେଳୁ ବିଚାର କଲେ ସେମାନେ ବି କରିବେ ବଣଭୋଜି । ଗାଆଁ ପାଖ ଦେଇ ବହି ଯାଉଥିବା ନଦୀ କୂଳରେ ଗହଳିଆ ଆମ୍ବ ତୋଟା । ତା' କଡ଼କୁ କାଜୁ ବଣ । ସେଇ ସ୍ଥାନରେ ଯାଇ ବଣ ଭୋଜି କରିବା ପାଇଁ ସ୍ଥିର କଲେ ପିଲାମାନେ ।

ଏକାଠି ବସି ପିଲାଙ୍କର ବିଚାର ପଡିଥାଏ ଭୋଜିରେ କଣ ଖାଇବେ କେମିତି ରାନ୍ଧିବେ ଇତ୍ୟାଦି । ଛୋଟ ପିଲା ମାଛ ମାଂସ ତରକାରି କିମ୍ୱା ଖିରି ଖେଚୁଡି ତ କରି ପାରିବେ ନାହିଁ । କଣ କରିପାରିବେ ଚିନ୍ତା କରୁ ଥାଆନ୍ତି । ଏତିକି ବେଳେ ତାଙ୍କ ପାଖକୁ ଆସିଲା ରଘୁଆ । ରଘୁଆ ଗାଆଁର ଅଭାବୀ ଘର ପିଲାଟିଏ । ତାଙ୍କ ଠାରୁ ବୟସରେ ଅଳ୍ପ ବଡ଼। କେବେ କେବେ ତାଙ୍କ ସହ ଖେଳିବାକୁ ଆସେ। ଭୋଜି କଥା ଶୁଣି ରଘୁଆ କହିଲା ଚିନ୍ତା କାହିଁକି କରୁଛ, ମୋତେ ପରା ରୋଷେଇ କରିବା ଆସେ । ମୋ ମା' କାମକୁ ଗଲା ପରେ ମୁଁ ଦିନେ ଦିନେ ଭାତ ଡାଲି ତରକାରି ରାନ୍ଧି ଦିଏ। ସବୁ ପିଲା ମାନେ ଏକଥା ଶୁଣି ଖୁସି ହୋଇଗଲେ। ପିଲାଙ୍କର ସମସ୍ୟା ସମାଧାନ ହୋଇ ଗଲା।

ସବୁ ପିଲା ମାନେ ମିଶି କହିଲେ, ରଘୁଆ ଭାଇ ତମେ ଆମ ସହ ଚାଲ ବଣଭୋଜି କରିବା ଆମ ଗାଆଁ ନଦୀ କୂଳରେ । ଏକଥା ଶୁଣି ରଘୁଆ ମୁହଁ ଶୁଖାଇ କହିଲା, ନା ନା ମୁଁ ତୁମ ସହ ଭୋଜି କରି ପାରିବି ନାହିଁ । ମୋ ମା' ମୂଲ ଲାଗି ଆମ ପରିବାର ଚଳାଉଛି । ମୁଁ କେଉଁଠୁ ଚାନ୍ଦା ଦେଇ ପାରିବି ଯେ ତୁମ ସହ ଭୋଜି କରିବାକୁ ଯିବି । ତା' କଥା ଶୁଣି ଅନ୍ୟ ପିଲାମାନେ କହିଲେ ତୁମକୁ ଚାନ୍ଦା ଦେବା ଦରକାର ନାହିଁ । ଭୋଜି ପାଇଁ ଯାହା ଆବଶ୍ୟକ ଆମେ ଯୋଗାଡ଼ କରିବୁ । ତୁମେ କେବଳ ଆମକୁ ରୋଷେଇ କରିବାରେ ସାହାଯ୍ୟ କରିବ ।

ରଘୁଆ ରାଜି ହୋଇଗଲା । କଥା ହେଲା ଭୋଜିରେ ଭାତ, ଡାଲି, ଭାଜି, ଅଣ୍ଡା ତରକାରି ସହ ପାମ୍ପଡ଼ ସାଲାଡ଼ ରନ୍ଧା ହେବ । ସେଥିପାଇଁ ଯାହା ସବୁ ଆବଶ୍ୟକ ସମାଗ୍ରୀ ରଘୁଆ ବତାଇ ଦେଲା । ନିଜ ନିଜ ଭିତରେ ଚାନ୍ଦା କରି ସେସବୁ ଆୟୋଜନ କରିବାରେ ପିଲାମାନେ ଲାଗି ପଡିଲେ ।

ଜାନୁଆରୀ ଏକ ତାରିଖ, ନୂଆ ବର୍ଷର ପ୍ରଥମ ଦିନ । ରଘୁ ସହ ପିଲା ମାନେ ଚାଲିଲେ ନଦୀ କୂଳରେ ଥିବା ଆମ୍ବ ତୋଟାକୁ । ସାଙ୍ଗରେ ନେଇ ଥିଲେ ଚାଉଳ, ପରିବା, ମସଲା, କାଠ, ଛୁରୀ, ପନିକି, ଦିଆସିଲି, ଖଲି ପତ୍ର ଇତ୍ୟାଦି । ବଣଭୋଜି ପାଇଁ ଯିବା ଆଗରୁ ସମସ୍ତଙ୍କ ଘରେ ପିଲାମାନଙ୍କୁ ସତର୍କ କରାଇ ଦିଆ ଯାଇଥିଲା ନିଆଁ ପାଣି ଠାରୁ ଦୂରରେ ରହି ସାବଧାନତା ଅବଲମ୍ବନ କରିବାକୁ ।

ଗୋପାଳ ଗୋଟିଏ ବୁଦ୍ଧୁ ପିଲା । ଏକଥା ଶୁଣି ପଚାରିଲା, ଆମେ ନିଆଁ ପାଣି ଠାରୁ ଦୂରରେ ରହିଲେ ଭୋଜି ରାନ୍ଧିବୁ କେମିତି ? ତା' ବାପା ତାକୁ ଏବଂ ତା' ସାଥୀ ମାନଙ୍କୁ ବୁଝାଇ କହିଲେ, ନିଆଁ ପାଣି ଠାରୁ ଦୁରେଇ ହୋଇ ରହିବା ଅର୍ଥ ନଦୀର ଗଭୀର ପାଣି ଭିତରକୁ ନପଶିବା ଏବଂ ନିଆଁ ପାଖରେ ସାବଧାନ ହୋଇ କାରବାର କରିବା ।

ପିଲାମାନେ ନଦୀ କୂଳରେ ଗାତ ଖୋଳି ଚୁଲି ତିଆରି କଲେ । ଜାଳ କାଠରେ ନିଆଁ ଲଗାଇ ରୋଷେଇ ଆରମ୍ଭ କରି ଦେଲେ । ବାଲଟି ଡେକଚିରେ ନଦୀରୁ ପାଣି ବୋହି ଆଣିଲେ । ଜଙ୍ଗଲରୁ ଶୁଖିଲା କାଠ ଗୋଟେଇ ଆଣିଲେ । ରଘୁଆ ଭାତ ଡାଲି ବସାଇ ପରିବା କାଟିବାକୁ ବସିଲା । ଅନ୍ୟ ମାନେ ସିଝା ଅଣ୍ଡା ଆଳୁରୁ ଚୋପା ଛଡ଼ାଇ ରଖିଲେ । ଦେଖୁ ଦେଖୁ ଖାଦ୍ୟ ପ୍ରସ୍ତୁତ ହୋଇଗଲା । ସମସ୍ତେ ମିଶି ସାଙ୍ଗରେ ନେଇ ଥିବା ଖଲି ପତ୍ରରେ ବଢ଼ା ବଢ଼ି କରି ଏକାଠି ଖାଇ ବସିଲେ ।

ଖିଆ ପିଆ ସାରି ପିଲା ମାନେ କିଛି ସମୟ ନଦୀ କୂଳରେ ବୁଲା ବୁଲି କଲେ । ତାଙ୍କ ପରି ଆଉ କେତେ ପିଲା ବଣଭୋଜି କରୁଥିବା ଦେଖିଲେ । ଘରକୁ ଫେରିବା ପୂର୍ବରୁ ନକୁଳ କହିଲା ଆମେ ଭୋଜି କରିବା ଜାଗାଟି ସଫେଇ କରି ଦେବା । ଅଇଁଠା ପତ୍ର ପରିବା ଚୋପା ଆଦିକୁ ଚୁଲି ଗାତରେ ପକାଇ ପୋତି ପକାଇବା । ଡବା ବୋତଲ ଆଦିକୁ ନଦୀ କୂଳରେ କିମ୍ୱା ନଦୀ ପାଣିରେ ନପକାଇ ସାଙ୍ଗରେ ନେଇଯିବା । ତେଣୁ ସବୁ ମିଶି ସେମାନେ କରି ଥିବା ଅଳିଆ ସହ ଆଗରୁ ନଦୀ କୂଳରେ ପଡିଥିବା ଅଳିଆକୁ ସଫା କରି ଗୋଟିଏ ଜାଗାରେ ପୋତି ଦେଇ ଘରକୁ ଫେରି ଆସିଲେ ।

ଏକଥା ଜାଣି ଗାଆଁ ସାରା ପ୍ରଶଂସା କରିବା ସହ କହିଲେ, ବଣଭୋଜି କରିବା ପାଇଁ ଆମେ ପରିବେଶକୁ ପ୍ରଦୂଷିତ କରିବା ଠିକ୍ ନୁହେଁ । ଭୋଜି ସ୍ଥାନର ସଫେଇ କରିବା ଆମ କର୍ତ୍ତବ୍ୟ ।


+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬


# କବିତା

ତୁମ ପାଇଁ

## ଆହାନ୍ ପାଇଁ ଗୀତ

### ନୀଳମଣି ଚାନ୍ଦ

ସଁବାଳୁଆ ବାଳବାଳୁଆ
ଆହାନ୍ କହେ ଛି
ଟିପିରିଟିପି ପରଜାପତି
ଦେଖି ହସଇ ହି ହି ।

ଘୁଡୁରୁଘୁଡୁ କଲେ ବିଲେଇ
ସିଏ ମିଆଁଉ କରେ
ମାହୁନ୍ତ ସାଥେ ଆସିଲେ ହାତୀ
ଶୁଣ୍ଢକୁ ଦେଖି ଡରେ।


ଫୁଲେ ବସିଲେ ପରଜାପତି
ସିଏ ନଜର କରେ
ସଁବାଳୁଆ ଦେଖୁଦେଖୁରେ
ସେ କିଆଁ ଏତେ ଡରେ।

ମାଛ, ଦୁଧଟି ବିଲେଇ ଖାଦ୍ୟ
ଡାଳଟି ଖାଏ ହାତୀ
ସିଏ ଏକା ନା ଆଉ ତାଙ୍କର
ଅଛନ୍ତି କିଏ ସାଥୀ।

ଜାଣେନି ସିଏ ପରଜାପତି
ସଁବାଳୁଆ ଥିଲା
ପଢ଼ିନାହିଁରେ ବିଜ୍ଞାନ ପାଠ
ସେ ପରା ଟିକିପିଲା।

ଛବିହିରୁ ଚିତ୍ର ସେ ଦେଖୁ
ସେହି ବହିଟି ପଢୁ
ପାରିବ ବୁଝି ଏକଥା ସବୁ
ଆହାନ୍ ଆଗ ବଢୁ।


+ ଭୁବନେଶ୍ୱର
ମୋ:୮୫୮୩୨୦୨୩୫୭

## ଆ ଜହ୍ନ ମାମୁଁ ସରଗ ଶଶୀ

### ଡମ୍ବରୁଧର ବେହେରା

ଆ ଜହ୍ନ ମାମୁଁ କୋଳାଇ ନିଅ
ମୋ କାହ୍ନୁ କାନ୍ଦୁଛି ବାହୁନି ହୋଇ
ତା ମାଁ ଯାଇଛି ଜମି ହିଡକୁ
ପଖାଳ , ଭର୍ତ୍ତା ନେଇ
ବାପାଙ୍କ ବାଟକୁ ଚାହିଁ...!

କିଆରୀ ମଝିରେ ବାପାଙ୍କ ଦେହ
କାଦୁଅ ପାଣିରେ ସର ସର
ଜଗି ରହି ଅଛି ମାଙ୍କ ପାଇଁ
ହାତ ରନ୍ଧା ଖାଦ୍ୟ ଖାଇବା ପାଇଁ
ଆ ଜହ୍ନ ମାମୁଁ ସରଗ ଶଶୀ
କୋଳାଇ ନିଅ ମୋ ପାଖରେ ବସି ..!

କାହ୍ନା ଭାଲୁଛି ତା ମାଁ କଥା
କାହାକୁ କହିବ ତାରି ବ୍ୟଥା
ଲାଜକୋଳି ଲତା ଅଛୁଆଁ ହୋଇ
କହୁଛି ବିକଳେ
ଛୁଅଁ ନାହିଁ ଛୁଅଁ ନାହିଁ
ଆ ଜହ୍ନ ମାମୁଁ ସରଗ ଶଶୀ
ଜଗି ଚାହିଁ ଅଛି
ତା ' ଘରେ ବସି ତା' ଘରେ ବସି...!!


+ସୁରଳ, ବଡ଼ସାହି(ଗଞ୍ଜାମ)


## ପଶୁ ପକ୍ଷୀ ଦେଖି କାମ ଯିବା ଶିଖି

### କୀର୍ତ୍ତନ ସାହୁ

ଦେଖରେ ବିଲୁଆ ଦେଖ
ପଢି ଶିଖି କିଛି ଲେଖ।

କୁକୁର କରୁଛି ଭୋଅ
ଦୁଃଖୀ ମଣିଷକୁ ଖୋଅ।

ଗାଈଟି ଭାରି ସୁଧାର
କଥାଟି କୁହ ମଧୁର।

ଛେଳିଟି କରଇ ମେଁ '
ମନ୍ଦ ବୁଦ୍ଧି ଛାଡି ଦେ ' ।

ବାଘଟି କରେ ଗର୍ଜନ
କୁସାଙ୍ଗ କର ବର୍ଜନ ।

ସିଂହ କରେ ଦେଖ ରଡି
କୁହ ନାହିଁ କଥା ବଢି।

କଳା ମଚ ମଚ ଭାଲୁ
କଥାରେ ନ ଥାଉ ଗାଲୁ।

ହରିଣଟି କନ କନ
ଗୁରୁଜନ କଥା ମାନ।

କା କା କରେ କାଉ
ଦେଖାଅନା ମିଛ ଭାଉ।

ଶାରୀ କହେ ରାମ ରାମ
ନିଜେ କର ନିଜ କାମ।

ପଶୁ ପକ୍ଷୀ ଅନୁ ସରି
ଭଲ କାମ ଯିବା କରି।


ମିଶ୍ର କଲୋନୀ, ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧


## ଶୀତ ନିଦ୍ରା

### ଧ୍ରୁବ ଚରଣ ବେହେରା

ଗୁରୁଜୀ କହିଲେ ପିଲାଏ ଆସ
ଧିର ହୋଇ କରି ଶ୍ରେଣୀରେ ବସ ।

ପଢାଇବି ଆଜି ବିଜ୍ଞାନ ପାଠ
ବସ ଶାନ୍ତ ହୋଇ ନ କରି ମଠ ।

ଶୀତନିଦ୍ରା କଥା ଦେବି ବୁଝାଇ
ଜାଣିବ ସୁନ୍ଦର କଥାଟେ ସେହି ।

ଶୀତ ଋତୁ ଯେବେ ଆସେ ଧରାକୁ
ଥଣ୍ଡା ଲାଗେ ଭାରି ସରିସୃପଙ୍କୁ ।

ସାପ, ବେଙ୍ଗ ଆଦି ଏପରି ପ୍ରାଣୀ
ଦେହ ଆବରଣ ପତଳା ଜାଣି ।

ନଖାଇ ନ ପିଇ ମାଟି ତଳରେ
ଶୋଇ ସେ ଯାଆ'ନ୍ତି ଘୋର ନିଦରେ ।

ଏପରି କାର୍ଯ୍ୟକୁ ବିଜ୍ଞାନ ଜାଣ
ଶୀତ ନିଦ୍ରା ବୋଲି କରେ ପ୍ରମାଣ ।

ମନେ ରଖିଲ କି କୁହରେ ପିଲେ
ଆମ ପରିବେଶ କଥାକୁ ଭଲେ ।

ଆଗକୁ ପଢିବା ଜୀବ ଜଗତ
ପାଣି ପବନର କଥା ଅନେକ ।

ମନ ଦେଇ ଆମେ ପାଠ ପଢିବା
ଦେଶ ଦୁନିଆରେ ନାମ ରଖିବା ।


+ଭାରତୀୟ ସାମରିକ ସେବା ।
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪


## କାର ମିରରରେ ତାଜମହଲର ଚିତ୍ର



ସାଇ ସମ୍ଭବ
ସପ୍ତମ, କେନ୍ଦ୍ରୀୟ ବିଦ୍ୟାଳୟ
ନମ୍ବର -୦୨, ଭୁବନେଶ୍ୱର

## ଛୋଟ

### ଦିବାକର ନାୟକ

ଛୋଟ ଛୋଟ ପାଦ ଲଙ୍ଘିପାରେ
ଅସରନ୍ତି ଚଲାପଥ
ଛୋଟ ଛୋଟ ଦୋଷ କରିପାରେ
ଜୀବନକୁ କଳୁଷିତ ।

ଛୋଟ ଛୋଟ କଥା ଛୁଇଁପାରେ
କୋଟି ଜନତାର ମନ
ଛୋଟ ଛୋଟ ରାଗ ଜାଳିପାରେ
ଖୁସିର ନନ୍ଦନ ବନ।

ଛୋଟ ଛୋଟ ସ୍ୱପ୍ନ ଆଣିପାରେ
ଜୀବନର ସୁପ୍ରଭାତ
ଛୋଟ ଛୋଟ ପାଦ ଲଙ୍ଘିପାରେ
ଅସରନ୍ତି ଚଲାପଥ ।

ଛୋଟ ଭଲ କାମ ହୋଇପାରେ
ନୂଆ କୀରତିର ଭିତ୍ତି
ଛୋଟ ଛୋଟ ଓଠ ଗାଇପାରେ
ବିଶ୍ୱ ବନ୍ଧୁତାର ଗୀତି।

ଛୋଟ ନୁହେଁ ଛୋଟ ସେଯେ ପରା
ବଡ଼ର ଜନ୍ମ ଜାତକ
ଛୋଟ ଛୋଟ ପାଦ ଲଙ୍ଘିପାରେ
ଅସରନ୍ତି ଚଲାପଥ ।


ପାଟପୁର, କନିସି-୭୬୧୦୦୮,
ଗଞ୍ଜାମ
ମୋ- ୯୯୩୮୬୧୯୯୮୧

# ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ବିଏସକେୱାଇ ନବୀନ କାର୍ଡ ସଚେତନତା ଶିବିର

ଧର୍ମଶାଳା, ୧୦/୧ (ନି.ପ୍ର): ଜନସାଧାରଣଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ବିଏସକେୱାଇ ନବୀନ କାର୍ଡ ପରିସରକୁ ସମ୍ପ୍ରସାରଣ କରାଯାଇଛି । ଏହାର ପଞ୍ଜିକରଣ ଅବଧି ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ରହିଛି । ଏହି ସ୍ୱାସ୍ଥ୍ୟ କାର୍ଡରୁ କେହି ବଂଚିତ ନ ହେବା ପାଇଁ ଜନସାଧାରଣଙ୍କୁ ସଚେତନତା ନେଇ ଯାଜପୁର ଜିଲା ଧର୍ମଶାଳା ବିଜୁ ଯୁବ ଜନତା ଦଳ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ପରାମର୍ଶ କ୍ରମେ ଏହି ସଚେତନତା ପାଇଁ ଧର୍ମଶାଳା ବିଜୁ ଯୁବ ଜନତା ଦଳକୁ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ଆଜି ଜାରକାସ୍ଥିତ ଷ୍ଟାଡିୟମ ପରିସରରେ ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତିଶ ନାୟକଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ଯୁବ କର୍ମକର୍ତା ଯୋଗ ଦେଇଥିଲେ । କିପରି ଜନସାଧାରଣ ଏହି ସେବାରୁ ବଂଚିତ ନ ହେବା ସେ ନେଇ ଘର ଘର ବୁଲି ସେମାନଙ୍କୁ ସଚେତନ କରାଯିବା ନେଇ ଯୁବକମାନେ ସଙ୍କଳ୍ପ ନେଇଥିଲେ । ପରେ ଶତାଧିକ ଯୁବ ଜନତା ଦଳର କର୍ମୀମାନେ ଏକ ବାଇକ ଶୋଭାଯାତ୍ରାରେ ବାହାରି ଏହି ନିର୍ବାଚନ ମଣ୍ଡଳୀର କୁମାରୀ ଓ ପଣ୍ଡୁଆ ପଂଚାୟତ ପରିକ୍ରମା କରି ଘରଘର ବୁଲି ଜନସାଧାରଣଙ୍କୁ ଏହି କାର୍ଡ ଫାଇଦା ନେବା ସହ ନିକଟସ୍ଥ ମୋ ସେବା କେନ୍ଦ୍ରରେ ତୁରନ୍ତ ପଞ୍ଜିକୃତ କରିବାକୁ ପରାମର୍ଶ ଦେଇଥିଲେ । ଯାଜପୁର ଜିଲାରେ ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ଏଭଳି ସଚେତନ କାର୍ଯ୍ୟ କରି ଚର୍ଚ୍ଚାରେ ରହିଛି ।

## ଗଣ୍ଡଗୋଳ ଓ ଗୁଳିମାଡରେ ୩ ଗୁରୁତର

ଗଞ୍ଜାମ, ୧୦/୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ୍ ଅନ୍ତର୍ଗତ ଗରେଇଝୁଲି ନିକଟରେ ଥିବା ଏକ ଇଟାଭାଟି ଠାରେ ଗତକାଲି ରାତିରେ ଭୋଜି କରୁଥିବା ବେଳେ ସେଠାରେ ଉପସ୍ଥିତ ଥିବା ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ମାଡପିଟ୍ ଓ ଗୁଳିକାଣ୍ଡ ଘଟିଥିଲା । ମାଡପିଟ୍ ରେ ୨ ଜଣ ଗୁରୁତର ହେବା ସହ ଅନ୍ୟ ଜଣେ ଗୁଳିମାଡରେ ଗୁରୁତର ହୋଇଥିଲେ । ଗୁଳିମାଡରେ ଗୁରୁତର ହୋଇଥିବା ବ୍ୟକ୍ତି ଜଣକ ହେଉଛନ୍ତି କେନ୍ଦୁବାଡି ଗ୍ରାମପଂଚାୟତର ସମିତି ସଭ୍ୟ ନରେନ୍ଦ୍ର ସ୍ୱାଇଁ । ନରେନ୍ଦ୍ର ଗଣ୍ଡଗୋଳର ମୀମାଂଶା କରିବାକୁ ଯାଇ ଗୁଳିକାଣ୍ଡର ଶିକାର ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ପ୍ରଥମେ ବୁଗୁଡ଼ା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି । ବୁଗୁଡ଼ା ଥାନା ପୋଲିସ ଏବଂ ପୋଲସରା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇଛି ।

# ଜନବସତି ଭିତରେ କୁକୁଡ଼ା ଫାର୍ମ ନିର୍ମାଣ : ଗୁରୁତ୍ୱ ଦେଲାନି ସ୍ଥାନୀୟ ପ୍ରଶାସନ : ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଚମ୍ପୁଆ, ୧୦/୧ (ନି.ପ୍ର): ଗାଁ ଜନବସତି ଭିତରେ କୁକୁଡ଼ା ଫାର୍ମ ନିର୍ମାଣକୁ ନେଇ ଗ୍ରାମବାସୀ ରଜିଆ ସରପଂଚ ଓ ଚମ୍ପୁଆ ବିଡିଓଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ କେହି ଗୁରୁତ୍ୱ ନ ଦେବାରୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଣ୍ଟା ଭିଡିଛି ସ୍ଥାନୀୟ ପ୍ରଶାସନ ।

ମିଳିଥିବା ଖବର ଅନୁସାରେ, ଚମ୍ପୁଆ ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମର ଗାଁ ଜନବସତି ଭିତରେ ମା ଜଗତ ଜନନୀ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ସରକାରୀ ନିତି ନିୟମକୁ ଉଲଂଘନ କରି ଦୁଇ ହଜାର କୁକୁଡ଼ା ବିଶିଷ୍ଟ ଏକ ବ୍ରଏଲ ଫାର୍ମ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଇଥିବା ବେଳେ ଜନବସତିରେ ବ୍ରଏଲର ଫାର୍ମ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଥିଲେ । ତେବେ ସମ୍ପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ କାହାରି କଥାକୁ ଖାତିର ନ କରି ନିଜ ଜିଦରେ ଅଟଳ ରହିବା ଯୋଗୁଁ ଗ୍ରାମବାସୀ ରଜିଆ ସରପଂଚ ଓ ଚମ୍ପୁଆ ବିଡ଼ିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଚମ୍ପୁଆ ବିଡିଓ ଅଭିଯୋଗ ପାଇବା ପରେ ଚମ୍ପୁଆ ପ୍ରାଣୀଧନ ବିଭାଗକୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ମଧ ପ୍ରାଣୀଧନ ବିଭାଗ ପକ୍ଷରୁ କୌଣସି ଗୁରୁତ୍ୱ ଦିଆ ଯାଇ ନ ଥିବାବେଳେ ଖୋଦ ପ୍ରାଣୀଧନ ବିଭାଗର କିଛି କର୍ମଚାରୀ ପ୍ରଚ୍ଛଦପଟରେ ରହି ସମ୍ପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ଦେଇ ଚାଲିଥିଲେ । ଫଳରେ ସମ୍ପୃକ୍ତ ଫାର୍ମ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆରମ୍ଭ କରାଯାଇ ଥିବାବେଳେ ଏହାକୁ ନେଇ ଗ୍ରାମବାସୀ ଗ୍ରାମର ୱାର୍ଡ ମେମ୍ବରଙ୍କ ନେତୃତ୍ୱରେ ଚମ୍ପୁଆ ବ୍ଲକ ଠାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ଜିଲ୍ଲା ପାଳଙ୍କୁ ଭେଟି ଏହି କୁକୁଡ଼ା ଫାର୍ମ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିବେଦନ କରିଥିଲେ । ତେବେ ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ଏହାକୁ ଗୁରୁତ୍ୱର ସହିତ ନେଇ ସଙ୍ଗେ ସଙ୍ଗେ ସିଡିଭିଓ କେନ୍ଦୁଝରଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗାଁ ଭିତରେ ଫାର୍ମ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ : ଏସିଡ ମାଡ଼ରେ ଉଭୟ ପକ୍ଷର ୫ ଆହତ

ନୂଆପଡ଼ା, ୧୦/୧ (ନି.ପ୍ର): ଖଡ଼ିଆଳ ଥାନା ଅନ୍ତର୍ଗତ ଡୁଆଝର ଗ୍ରାମରେ ଗୁରୁବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିବା ବେଳେ ଏସିଡ ମାଡ଼ରେ ଉଭୟ ପକ୍ଷର ୫ ଜଣ ଆହତ ହୋଇଥିବା ସୂଚନା ମିଳିଛି । ସମସ୍ତଙ୍କୁ ଖଡ଼ିଆଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିବା ବେଳେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଜିଲ ସ୍ୱାସ୍ଥ୍ୟ କେନ୍ଦ୍ର ନୂଆପଡ଼ାକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ଦେଇଛନ୍ତି ଖଡ଼ିଆଳ ଉପଖଣ୍ଡ ଡାକ୍ତରଖାନାର ଇନଚାର୍ଜ ଡାକ୍ତର ରଞ୍ଜିତ ରାଉତ । ଆହତ ମାନେ ହେଲେ ଗୋଟିଏ ଗୋଷ୍ଠୀର ମନିଜର ସରାଫ ଓ ତାଙ୍କ ଦୁଇ ପୁଅ ବିଜୟ ଓ ଧନଞ୍ଜୟ । ବିଜୟ ଓ ଧନଞ୍ଜୟଙ୍କୁ ରେଫର୍ କରାଯାଇଛି । ଅନ୍ୟ ଗୋଷ୍ଠୀର ଘନଶ୍ୟାମ ସରାଫ ଓ ତାଙ୍କ ସ୍ତ୍ରୀ ସନ୍ତୋଷୀ ସରାଫ । ଉଭୟ ପରିବାର ସ୍ୱର୍ଣକାର ଜାତିର ଓ ସୁନା ଅଳଙ୍କାର ତିଆରି କରନ୍ତି । ଅନ୍ୟ ଏକ ଗ୍ରାମରେ ସୁନା ଅଳଙ୍କାର ନିର୍ମାଣ ଦୋକାନକୁ ନେଇ ଏହି ଦୁଇ ପରିବାର ମଧ୍ୟରେ ଝଗଡ଼ା ଚାଲି ଆସୁଥିଲା ।

# ଆଇଇସି କାର୍ଯ୍ୟକ୍ରମ ନେଇ ଜିଲ୍ଲାସ୍ତରୀୟ ଏକ ଦିବସୀୟ କର୍ମଶାଳା

ମାଲକାନଗିରି, ୧୦/୧ (ନି.ପ୍ର): ପାରମ୍ପରିକ ଲୋକକଳା ଓ ସଂସ୍କୃତିକୁ ବଂଚାଇବା ସହ କଳାକାରଙ୍କୁ ପ୍ରୋତ୍ସାହନ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଆଗାମୀ ଦିନରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକ କଳାର ପ୍ରୟୋଗ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନାକୁ ତୃଣମୂଳ ସ୍ତରରେ ପହଂଚାଇବା ନିମନ୍ତେ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏଥି ନିମନ୍ତେ ଆଜି ଜିଲ୍ଲା ସ୍ତରୀୟ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି । ଏହି ଶିବିରରେ ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡିପିଏମଓ ସସ୍ମିତା ସାହୁ, ଜିଲ୍ଲା ସାଧନ ସଦସ୍ୟ ଗୁପ୍ତେଶ୍ୱର ପାଣିଗ୍ରାହୀ, ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ଘେନୁ ମୁଦୁଲି ଓ ବିନାଶ ମିଶ୍ର ଉପସ୍ଥିତ ଥିଲେ । ପାରମ୍ପରିକ ଲୋକକଳାର ମୌଳିକତାକୁ ନହରାଇ ନିଜ ଅଂଚଳର ଲୋକ କଳାକୁ ପ୍ରୟୋଗ କରି ଯୋଜନା ଗୁଡିକୁ ପ୍ରଚାର କରିବା ପାଇଁ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା । ଆଇଇସି କାର୍ଯ୍ୟକ୍ରମ ନେଇ ଜିଲ୍ଲାସ୍ତରୀୟ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଛି । ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କର ବିଭାଗର ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ପରେ ବ୍ଲକ ସ୍ତରୀୟ ପ୍ରଶିକ୍ଷଣ ଆୟୋଜନ କରାଯିବ । ଆଜିର ଶିବିରରେ ଡିପିଏମ ମିଶନ ଶକ୍ତି ନିରଞ୍ଜନ ଦୋରା, ସାତଟି ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଓ ବ୍ଲକ କଳା ସଂସ୍କୃତି ସଂଘର ଉପ ସଭାପତିଙ୍କ ସହ ବ୍ଲକର ବରିଷ୍ଠ କଳାକାର ମାନେ ଯୋଗ ଦେଇଥିଲେ ।

# କଂଟାବାଞ୍ଜିରେ ଫାଇଭ-ଟି ତଥା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ବଲାଙ୍ଗୀର, ୧୦/୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲା କଂଟାବାଂଜି କେ.ଭି.କଲେଜ ପଡିଆରେ ବିଧାନ ସଭାସ୍ତରୀୟ ନିର୍ବାଚନ ମଣ୍ଡଳୀର ଜନ ଶୁଣାଣି ସଭା ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ୫ଟି ତଥା ଆମ ଓଡ଼ିଶା ନବୀନ ଓଡିଶାର ଅଧକ୍ଷ ଭି.କେ. ପାଣ୍ଡିଆନ ହେଲିକେପ୍ଟର ଯୋଗେ ଓହ୍ଲାଇଥିଲେ । ସଭାସ୍ଥଳରେ ଶ୍ରୀ ପାଣ୍ଡିଆନ ଜୟ ଜଗନ୍ନାଥ, ଜୟ ମା' ସମଲେଶ୍ୱରୀ, ଜୟ ମା' ପାଟଣେଶ୍ୱରୀ ବୋଲି ସମ୍ବୋଧନ କରି ନିଜର ବକ୍ତବ୍ୟ ରଖିଥିଲେ । ବଲାଙ୍ଗୀର ଜିଲ୍ଲା ତଥା କଂଟାବାଂଜି ନିର୍ବାଚନ ମଣ୍ଡଳୀର ବହୁମୁଖି ସର୍ବାଙ୍ଗୀନ ଉନ୍ନତି ପାଇଁ ୬୦ କୋଟି ଟଙ୍କା ଅନୁଦାନ ଦେଇଥିବା କହିଛନ୍ତି । ଏହି ଅନୁଦାନ ଟଙ୍କାରେ ରାଣୀପୁର ଝରିଆଲ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ ପାଇଁ ଟଙ୍କା ମଂଜୁର କରିଥିବା କହିଥିଲେ । ଆମ ଓଡିଶା ନବୀନ ଓଡିଶା ଏବଂ ୫ଟି ଯୋଜନାରେ ଅଂଚଳର ପ୍ରତ୍ୟେକ ସ୍କୁଲ କଲେଜର ଉନ୍ନତିକରଣ କରାଯାଇଥିବା କହିଥିଲେ । ଏପରିକି ବଲାଙ୍ଗୀର ଜିଲ୍ଲାର ବିକାଶରେ ବିରୋଧୀ ଦଳର ବିଧାୟକ କଂଟା ସାଜୁଥିବା କହିଥିଲେ । ମହିଳାମାନଙ୍କର ବିକାଶ ପାଇଁ ମିଶନ ଶକ୍ତି, ଲକ୍ଷ୍ମୀ ବସ ଏବଂ ବ୍ୟାଙ୍କର ସୁବିଧା ଯୋଗାଯାଇଥିବା କହିଥିଲେ । ଆଗାମୀ ୧୦ ଦିନ ମଧ୍ୟରେ ପ୍ରତ୍ୟେକ ଆବେଦନ ମଧ୍ୟରୁ ମନ୍ଦିର, ମସଜିଦ, ଗୀର୍ଜା, ଚର୍ଚ୍ଚ ତଥା କମ୍ୟୁନିଟି ସେଂଟର ଗୁଡିକର ଅନୁଦାନ ଯଥା ଶୀଘ୍ର ମୁଖ୍ୟମନ୍ତ୍ରୀ ପ୍ରଦାନ କରିବେ ବୋଲି କହିଥିଲେ । କଂଟାବାଂଜି ଅଂଚଳର ବିକାଶରେ କୌଣସି ଅର୍ଥ ବାଧକ ରହିବ ନାହିଁ ବୋଲି କହିଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓ ନିଜ ବକ୍ତବ୍ୟରେ କଂଟାବାଂଜି ଅଂଚଳର ବିକାଶ ସହିତ ଜିଲ୍ଲାର ବିକାଶ ଉପରେ ନିଜର ମତ ଦେଇ ଓଡ଼ିଶା ସରକାରଙ୍କ ବିଭିନ୍ନ ଜନ ମଙ୍ଗଳ ଯୋଜନା ଉପରେ କହି ଗତ ଲୋୟର ସୁକତେଲ ପ୍ରକଳ୍ପର ଉଦ୍‌ଘାଟନ ବେଳେ ବଲାଙ୍ଗିର ବିଧାୟକ ମହିଳାମାନଙ୍କୁ ଅସମ୍ମାନ କରିଥିବାରୁ ଏହାର ଦୃଢ ନିନ୍ଦା କରି ମହିଳାମାନଙ୍କ ସମ୍ମାନ ହାନୀ କରିଥିବା କହିଥିଲେ । ସେହିପରି ପୂର୍ବତନ ବିଧାୟକ ଅୟୁବ ଖାନ୍ ନବୀନ ସରକାରଙ୍କ ଯୋଜନା ଉପରେ ନିଜର ମତ ଦେଇ ତାଙ୍କ ବିଧାୟକ ଥିବା ବେଳେ ନିର୍ବାଚନ ମଣ୍ଡଳୀର ଉନ୍ନୟନ ପାଇଁ ଅନେକ ଯୋଜନା କରିଥିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଉପରେ ଗୁରୁତ୍ୱ ଦେଇଥିବା କହିଥିଲେ । ବରିଷ୍ଠ ନେତା ଅଜୟ ଦାଶ ମଧ ଅଂଚଳର ବିକାଶ ଉପରେ ଗୁରୁତ୍ୱ ଦେଇ ନବୀନ ସରକାରଙ୍କ ଜନ ମଙ୍ଗଳ ଯୋଜନାରେ ଜନସାଧାରଣଙ୍କୁ ଭାଗିଦାର କରୁଥିବା କହିଥିଲେ । ପାଟଣାଗଡ ବିଧାୟକ ସରୋଜ ମେହେର ମଧ ଅଂଚଳର ବିକାଶ କଥା କହି କଂଟାବାଂଜି ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ସରକାରୀ ଅନୁଦାନ ନିରନ୍ତର ମୁଖ୍ୟମନ୍ତ୍ରୀ ଯୋଗାଇଦେବେ ବୋଲି କହିଥିଲେ । ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ମଧ ଓଡିଶା ସରକାରଙ୍କ ଯୋଜନା ଉପରେ ନିଜର ମତ ଦେଇ ଆଦିବାସୀମାନଙ୍କ ହକ୍ ଅଧିକାର, ଜଂଗଲ ଜମି ଅଧିକାର ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଥିବା କହିଥିଲେ । ସେହିପରି ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଦେବକୀ ସାହୁ ମଧ ବଲାଙ୍ଗିର ସଭାରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିରୋଧୀ ମହିଳାମାନଙ୍କୁ ଅସମ୍ମାନ କରିଥିବାରୁ ତାର ନିନ୍ଦା କରିଥିଲେ ଏବଂ ମହିଳାମାନଙ୍କ ବିକାଶ କଥା କହିଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଗିରିରାଜ ମାଝି, ବଲାଙ୍ଗୀର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ନିରୁପମା ମାଝି, ବିଜେଡି ରାଜ୍ୟ ସଂପାଦକ ଉଦ୍ଧବ ବେହେରା, ଜିଲ୍ଲା ସଂପାଦକ ଫିରୋଜ ଖାନ, ଅମଜଦ ଖାନ, ଡବ୍ଲୁଓଡିସି ଏକ୍ସପର୍ଟ ମେମ୍ବର ହଂସରାଜ ଜୈନ, ପୂର୍ବତନ ଜିଲ୍ଲାପରିଷଦ ଉପାଧକ୍ଷା ଗୋପା ମହାନନ୍ଦଙ୍କ ସହ ସହସ୍ରାଧିକ ବିଜେଡି କର୍ମୀ ସାମିଲ ଥିଲେ । ଏହି ଜନ ଶୁଣାଣି ଶିବିରରେ ଜିଲ୍ଲାର ଅନେକ ବରିଷ୍ଠ ଅଧିକାରୀ, ପୋଲିସ ଅଧିକାରୀ ସହ କଂଟାବାଂଜି, ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକର ସମସ୍ତ ଅଧିକାରୀ ସାମିଲ ଥିଲେ । ଏହି ସଭାରେ ଜିଲ୍ଲା ପୋଲିସର କଡା ସୁରକ୍ଷା ବ୍ୟବସ୍ଥା ଥିବା ବେଳେ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା । କଂଟାବାଂଜି କେ.ଭି.କଲେଜରେ ଡିଗ୍ରୀ ଏବଂ ପି.ଜି ପରୀକ୍ଷା ଆରମ୍ଭ ହେବାର ନିର୍ଦ୍ଧାରିତ ସମୟର ଅଧ ଘଂଟା ପୂର୍ବରୁ ପାଣ୍ଡିୟାନଙ୍କ ହେଲିକେପ୍ଟର ଚାଲି ଯାଇଥିବାରୁ ଜଣସାଧାରଣରେ ପ୍ରଶଂସାର ବାତାବରଣ ଦେଖାଦେଇଥିଲା ।

# ସତ୍ୟବାଦୀ ହାଇସ୍କୁଲରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବଲାଙ୍ଗିର, ୧୦/୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଧଣ୍ଡାମାଳ ଗ୍ରା.ପ.ର ସତ୍ୟବାଦୀ ହାଇସ୍କୁଲର ଚତୁର୍ଥ ଶ୍ରେଣୀ କର୍ମଚାରୀ ରାଜକୁମର ଭୋଇଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଯୋଷୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଦେଓଗାଁ ବ୍ଲକର ପୂର୍ବତନ ବି.ଆର.ସି.ସି. ତଥା ବିଶିଷ୍ଟ ଶିକ୍ଷାବିତ୍ ଶ୍ୟାମସୁନ୍ଦର ଦାଶ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହରିଶ୍ଚନ୍ଦ୍ର ଦାଶ, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ, ପ୍ରତିଷ୍ଠାତା ସଂପାଦକ ଆର୍ତବନ୍ଧୁ ମିଶ୍ର, ପୂର୍ବତନ ସଭାପତି ସତ୍ୟବାଦୀ ମହାକୁର, କବିଦାସ ମଲ୍ଲିକ ଯୋଗ ଦେଇଥିଲେ । ଶିକ୍ଷକ ରାଧେଶ୍ୟାମ ପଧାନ ଅତିଥି ପରିଚୟ ସହ ସଂଯୋଜନା କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କସ୍ତୁରୀ ଚରଣ ରାଉତ, ଡମନ ପୋଢ, ଚନ୍ଦ୍ରମଣି ଭାଟି, ପରିଚାଳନା କମିଟି ସଭ୍ୟ କାର୍ତିକ ପଧାନ, ଲମ୍ବୋଦର ନାଏକ, କିରାଣୀ ଚିତରଞ୍ଜନ ମିଶ୍ର, ଅବସରପ୍ରାପ୍ତ ପୂର୍ବତନ କର୍ମଚାରୀ ନାରାୟଣ ଷାଣ୍ଡ, ଜଗନ୍ନାଥ ପଧାନ, କବିରାଜ ଭୋଇ, ସଦାନନ୍ଦ ବାଗ ତଥା ଉପସ୍ଥିତ ସମସ୍ତ ଅତିଥି ଅବସରପ୍ରାପ୍ତ କର୍ମଚାରୀଙ୍କର ସ୍ମୃତିଚାରଣ କରିବା ସହ ତାଙ୍କର କର୍ତବ୍ୟ ପରାୟଣତା ତଥା ଛାତ୍ରବତ୍ସଳତା ଉପରେ ଆଲୋକପାତ କରିଥିଲେ । ପରେ ଏକ ଭାବବିହ୍ୱଳ ମୁହୂର୍ତରେ ତାହାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାଜକିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର, ୧୦/୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ବିମଳେନ୍ଦୁ ରାୟ ଙ୍କ ଅଧକ୍ଷତାରେ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଚଳିତ ବର୍ଷ ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମ୍ ଠାରେ ନିମନ୍ତ୍ରିତ ଅତିଥିଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ କରାଯିବ । ଉକ୍ତଦିନ ପ୍ରାତଃ ସମୟରେ ସହରରେ ରାମଧୁନ ପ୍ରଚାର କରାଯିବ କ୍ଷ ସକାଳ ଘ୦୬-୩୦ ସମୟରେ ସହରର ବିଭିନ୍ନ ଛକରେ ଓ କାର୍ଯ୍ୟାଳୟରେ ଅବସ୍ଥାପିତ ମହାପୁରୁଷ ତଥା ବରପୁତ୍ରଙ୍କ ପ୍ରତିମୂର୍ତିରେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ପୁଷ୍ପମାଲ୍ୟାର୍ପଣ କରାଯିବ । ସକାଳ ଘଂ୦୭-୩୦ ମି ସମୟରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତୋଳନ କରାଯିବ କ୍ଷ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ପୂର୍ବାହ୍ନ ଘଂ୦୮-୩୦ ମିନିଟ ସମୟରେ ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତୋଳନ କରାଯିବ । ଚଳିତ ବର୍ଷ ପୋଲିସ ବ୍ୟାଣ୍ଡ ଓ ପୋଲିସ ପ୍ୟାରେଡ଼ ଦଳ ସହ ୩୭ଟି ଦଳ ଅଂଶଗ୍ରହଣ କରିବେ । ପ୍ୟାରେଡ଼ ପଡିଆରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ତିନୋଟି ଦଳ ସୁନ୍ଦର ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ବିଭିନ୍ନ ବିଭାଗ ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ନିଜ ବିଭାଗର ସଫଳତା ପ୍ରଦର୍ଶନ କରିବେ । ସେହିପରି ବିଭିନ୍ନ ବିଭାଗର କର୍ମଚାରୀ ତଥା ସଂସ୍ଥାମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ପୁରସ୍କୃତ କରାଯିବ କ୍ଷ ସେମାନଂକୁ ସମ୍ପୃକ୍ତ ବିଭାଗୀୟ ଜିଲ୍ଲା ଅଧିକାରୀ ମନୋନୀତ କରିବେ ଓ ଅପରାହ୍ନରେ ରୟାଲ୍ ପଡିଆ ରେ ପ୍ରଶାସନ ବନାମ୍ ନଗରପାଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବ । ସନ୍ଧ୍ୟା ୦୬ ଘଂଟା ସମୟରେ ନୂତନ ଟାଉନ ହଲ ଠାରେ ପୁରସ୍କାର ବିତରଣ ଓ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ଜିଲ୍ଲାସ୍ତରୀୟ ଉତ୍ସବ ପରି ଜିଲ୍ଲାର ଉପଖଣ୍ଡ ସ୍ତରରେ,ବ୍ଲକ ସ୍ତରରେ ତଥା ପଂଚାୟତ ସ୍ତରରେ ମଧ ସମାରୋହ ଅନୁଷ୍ଠିତ ହେବ । ଉତ୍ସବ ପରିପ୍ରେକ୍ଷୀରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଉଚ୍ଚବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ,ଜାତୀୟତା ବୋଧକ ସଙ୍ଗୀତ ଆବୃତି, ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସେହିପରି ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅଧକ୍ଷ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କରାଯିବା ନିମନ୍ତେ ବୈଠକରେ ନିଷ୍ପତି ନିଆଯାଇଛି । ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟନାରାୟଣ ଦାଶ, ଅଞ୍ଜଳିନା ପଧାନ, ପି ଡି ଡୁ ଡା ବିଶ୍ୱନାଥ ବାରିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର ନାୟକ, ସିଡିଓ ତଥା ଇ ଓ ଜିଲ୍ଲାପରିଷଦ ଅଶ୍ୱିନୀ କୁମାର ମେହେର, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ତଥା ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ, ସହରର ବିଶିଷ୍ଟ ବ୍ୟକ୍ତି ବିଶେଷ, ବରିଷ୍ଠ ନାଗରିକ,ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ, ଅଧକ୍ଷ /ଅଧକ୍ଷା, ବିଭିନ୍ନ ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ବିବରଣୀ ପାଠ କରିବା ସହିତ ସଭା ପରିଚାଳନା କରିଥିଲେ ।

## ଆରମ୍ଭ ହୋଇଛି କୁମ୍ଭୀର ଗଣନା

ପଟ୍ଟାମୁଣ୍ଡାଇ, ୧୦/୧ (ନି.ପ୍ର): ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଜାନୁଆରୀ ୪ ତାରିଖ ଠାରୁ ୧୪ ତାରିଖ ଯାଏ କୁମ୍ଭୀର ମାନଙ୍କର ଗଣନା କରାଯିବ । ତେଣୁ ୧୧ଦିନ ଧରି ପର୍ଯ୍ୟଟକ ମାନଙ୍କପାଇଁ ଜାତୀୟ ଉଦ୍ୟାନ ଭିତରକନିକା ବନ୍ଦ ରହିବ । ଜାନୁଆରୀ ୧୫ତାରିଖରେ ପର୍ଯ୍ୟଟକ ମାନଙ୍କ ପାଇଁ ଖୋଲାଯିବ ଭିତରକନିକା ଜାତୀୟ ଉଦ୍ୟାନ । ଭିତରକନିକାରେ ଜାନୁଆରୀ ୨୦୨୨ରେ ହୋଇଥିବା ଗଣନା ଅନୁସାରେ ୧୭୮୪ ବଉଳା କୁମ୍ଭୀର ଅଛନ୍ତି । ସୂଚନା ଯୋଗ୍ୟ, ୧୯୭୦ ମଧ୍ୟ ଭାଗରେ କରାଯାଇଥିବା ଏକ ସର୍ଭେରେ ଭାରତ ବର୍ଷରେ ମୁମ୍ଭୀର ମାନଙ୍କ ସଂଖ୍ୟା ନଗଣ୍ୟ ବୋଲି ଜଣାପଡିଥିଲା ! ଏହାପରେ କୁମ୍ଭୀର ମାନଙ୍କ ବଂଶ ବୃଦ୍ଧି ଓ ବାସସ୍ଥଳୀର ସ୍ଥିତି ବଜାୟ ରଖିବା ପାଇଁ କେନ୍ଦ୍ର ସରକାର ମିଳିତ ଜାତିସଙ୍ଘର କୃଷି ଓ ଖାଦ୍ୟ ସଂସ୍ଥାର ସହାୟତାରେ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା । ୧୯୭୫ ମସିହାରେ ୧୧୫ ବର୍ଗ କିଲୋମିଟର ଅଂଚଳରେ ୫୦ ଲକ୍ଷ ବ୍ୟୟରେ ଦେଶର ପ୍ରଥମ ବଉଳା କୁମ୍ଭୀର ଗବେଷଣା ଓ ସଂରକ୍ଷଣ କେନ୍ଦ୍ର ଗଢି ଉଠିଥିଲା । ପ୍ରଥମେ ୩୪ଟି ପରିପକ୍ୱ କୁମ୍ଭୀରଙ୍କ ସହିତ ୯୬ଟି କୁମ୍ଭୀରଙ୍କୁ ନେଇ ଏହି ଯୋଜନା ଅରମ୍ଭ ହୋଇଥିଲା । ବର୍ତମାନ ଏହି ସଂଖ୍ୟା ୧୭୮୪ରେ ପହଁଚିଛି ।

# ପୁସ୍ତକ ପ୍ରେମରେ କେନ୍ଦ୍ରାପଡ଼ା: ସବୁ ବନ୍ଧନରୁ ମୁକ୍ତ ହେଲେ ହିଁ ଗଳ୍ପ କାଳଜୟୀ ହୁଏ

କେନ୍ଦ୍ରାପଡ଼ା, ୧୦/୧ (ନି.ପ୍ର): ଆଜିର ପଂଚମ ସନ୍ଧ୍ୟାରେ ଏକବିଂଶତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକମେଳାରେ କଥାସାହିତ୍ୟ ଆସର 'ବିଶ୍ୱାୟନ ଓ ଏକବିଂଶର ଆହ୍ୱାନ' ମୋ ଗପର ସ୍ଥିତି ଓ ସଂପ୍ରେଷଣ ବିଷୟରେ ଆଲୋଚନା ହୋଇଥିଲା । ଗାଳ୍ପିକ ଚାପମୁକ୍ତ ହୋଇ ଗଳ୍ପ ରଚନା କଲେ ଗଳ୍ପ ପାଠକମାନଙ୍କ ଦ୍ୱାରା ଆଦୃତ ହୁଏ । ସବୁ ବନ୍ଧନରୁ ମୁକ୍ତ ହେଲେ ହିଁ ଗଳ୍ପ କାଳଜୟୀ ହୁଏ ବୋଲି ଏକବିଂଶ ତମ ପୁସ୍ତକ ମେଳାର ପଂଚମ ସନ୍ଧ୍ୟାରେ ମତ ପ୍ରକାଶ ପାଇଛି । ସ୍ଥାନୀୟ ଟେଲିକମ ପଡିଆ ଠାରେ ଆୟୋଜିତ ଏକବିଂଶ ତମ ପୁସ୍ତକ ମେଳାର ପଂଚମ ସନ୍ଧ୍ୟାରେ ରାଜ୍ୟ କଥା ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ଅୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଥାକାର ତରୁଣ କୁମାର ସାହୁ ଗଳ୍ପ ହିଁ ପ୍ରତିଟି ପରିବର୍ତନକୁ ସ୍ୱୀକାର କରି ନିଜକୁ ଗଢ଼ିବା ଶିଖିଛି । ସେଇଥିପାଇଁ ତ ଓଡ଼ିଆ ଗଳ୍ପ କୌଣସି ଗୁଣରେ କାହାଠାରୁ କମ ନୁହେଁ । ଗଳ୍ପ ସନ୍ଧ୍ୟାରେ ଅତିଥି କଥାକାର ଭାବେ ଯୋଗଦେଇ ଗାଳ୍ପିକ ଗିରୀଶ ସାହୁ, ଗାଳ୍ପିକ ପ୍ରଦୀପ ନାୟକ, ଗାଳ୍ପିକ ମାନସ ପଣ୍ଡା ଓ ଗାଳ୍ପିକ ଦେବାଶିଷ ସାମନ୍ତରାୟ ଆଧୁନିକ ଓଡ଼ିଆ ଗଳ୍ପ ଜଗତୀକରଣ ସହିତ ନିଜକୁ ସମଭାଗୀ କରି ସବୁ ଆହ୍ୱାନକୁ ସାମନା କରୁଥିବା କହିଥିଲେ । ଯୁବ ଗାଳ୍ପିକ ମାତୃଦତ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ । ଏହି ଅବସରରେ ଡ. ଅପର୍ଣ୍ଣା ମହାନ୍ତିଙ୍କ ଗଳ୍ପ "ଥରକୁଥର ଫେରିଆସୁଥିବି" ପୁସ୍ତକ ଲୋକାର୍ପିତ ହୋଇଥିଲା । ଡିଜିଟାଲ ମାଧ୍ୟମରେ ପ୍ରଚାର ପ୍ରସାର ଯୁଗରେ ପୁସ୍ତକ ଯେ ତାର ଆକର୍ଷଣ ହରାଇ ନାହିଁ, ଏହା ପ୍ରମାଣ କରୁଛି ଏକବିଂଶତମ ରାଜ୍ୟସ୍ତରୀୟ ପୁସ୍ତକ ମେଳା । କୁହାଯାଏ ବହି ହିଁ ମଣିଷର ପ୍ରକୃତ ବନ୍ଧୁ । ଏହାର ଭରପୁର ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି ଜାନୁଆରୀ ୬ ତାରିଖଠାରୁ ଆରମ୍ଭ ହୋଇଥିବା ପୁସ୍ତକମେଳାରେ ପାଠକଙ୍କ ସଂପୃକ୍ତି ଓ ବହି କିଣାବିକାର ବିଭିନ୍ନ ବହିର ଚାହିଦା ରହିଛି । ରାଜ୍ୟର ପାଖାପାଖି ୩୦ରୁ ଉର୍ଦ୍ଧ୍ୱ ପ୍ରତିଷ୍ଠିତ ପୁସ୍ତକର ପ୍ରକାଶକ ଓ ବିକ୍ରେତାମାନେ ଚଳିତବର୍ଷ ମେଳାରେ ଯୋଗ ଦେଇଥିବାରୁ ଅନ୍ୟ ବିଷୟର ବିଭିନ୍ନ ପୁସ୍ତକ ଯେପରି ନର୍ସରୀ ସ୍କୁଲ ପିଲାମାନଙ୍କଠାରୁ ଆରମ୍ଭ କରି ମହାବିଦ୍ୟାଳୟର ସିଲାବସ୍ ଏବଂ ଘରକରଣାଠାରୁ ଆରମ୍ଭ କରି ସାହିତ୍ୟ, ଧର୍ମ ଓ ଦର୍ଶନ ଶାସ୍ତ୍ର ପର୍ଯ୍ୟନ୍ତ ପ୍ରତ୍ୟେକ ବିଭାଗର ପୁସ୍ତକ ଏହି ମେଳାରେ ଉପଲବ୍ଧ ହୋଇଥିବାରୁ ପ୍ରତିଦିନ ଅପରାହ୍ନ ପରେ ଭିଡ ପରିଲକ୍ଷିତ ହେଉଛି । ବିଶେଷ କରି କେନ୍ଦ୍ରାପଡା ଜିଲ୍ଲାର ପ୍ରସିଦ୍ଧ ପ୍ରାକୃତିକ ପର୍ଯ୍ୟଟନ ଭିତରକନିକା ବିଶେଷଜ୍ଞ ସାଧାରଣ ପାଠକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିବାର ପରିଲକ୍ଷିତ ହେଉଛି । ଏହି କାର୍ଯ୍ୟକ୍ରମକୁ ସମ୍ବିତ୍ ଶ୍ରୀଚନ୍ଦନ, ପ୍ରଦ୍ୟୁମ୍ନ ବେହୁରା, ପ୍ରତାପ ସ୍ୱାଇଁ, ଭବାନୀ ଓଝା, ମିର୍ ମୁର୍ସିଦ୍, ସନ୍ଦିପ ସାହୁ, ମୃତ୍ୟୁଞ୍ଜୟ ପରିଡା, ଶେଷଦେବ ଦାସ, ମନୋଜ କୁମାର ମହାନ୍ତି, ଶାନ୍ତନୁ ମଲ୍ଲିକ, ଧର୍ମଦର୍ଶୀ କର, ସରୋଜକାନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ରୁଦ୍ରାଣୀ ପବ୍ଲିକ ସ୍କୁଲର ୧୮ ତମ ବାର୍ଷିକ ଉତ୍ସବ ଆରମ୍ଭ ୨୦୨୩ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୧୦/୧ (ନି.ପ୍ର): କେନ୍ଦ୍ରାପଡା ସହର ସିକଟ ଶିକ୍ଷାନୁଷ୍ଠାନ ରୁଦ୍ରାଣୀ ପବ୍ଲିକ ସ୍କୁଲର ୧୮ ତମ ବାର୍ଷିକ ଉତ୍ସବ 'ଆରମ୍ଭ' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କେନ୍ଦ୍ରାପଡ଼ାର ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ସମ୍ମାନିତ ଅତିଥି ଭାବରେ ସେଂଟ ଜାଭିଅର ସ୍କୁଲର ଅଧକ୍ଷ ପ୍ରତାପ ଶତପଥି, ମୁଖ୍ୟବକ୍ତା ଭାବେ ପଣ୍ଡିତ ହୃଷିକେଶ ରଥ, ସଭାପତି ଭାବରେ ଅବସରପ୍ରାପ୍ତ ପୂର୍ବତନ ରୋଟାରିଆନ ପିତାମ୍ବର ଦାସ, ରୁଦ୍ରାଣୀ ପବ୍ଲିକ ସ୍କୁଲ ଅଧକ୍ଷା ସୌଦାମିନୀ ପଣ୍ଡା, ସମ୍ପାଦକ ଇନ୍ଦ୍ରମଣି ପଣ୍ଡା ପ୍ରମୁଖ ମଂଚାସିନ ଥିଲେ । ପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ପରେ ବିଦ୍ୟାଳୟର ପିଲାମାନଙ୍କ ଉଦେଶ୍ୟରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ସେମାନଙ୍କର ଅଭିଭାଷଣ ରଖି କହିଥିଲେ ଯେ ବାପା ମାଆ ଭଲ ହେଲେ ପିଲାମାନେ ମଧ ଭଲ ହେବେ ଓ ସଂସ୍କାରି ହେବେ ବୋଲି ମୁଖ୍ୟବକ୍ତା କହିଥିଲେ, କେନ୍ଦ୍ରାପଡ଼ାର ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ ମଧ ରୁଦ୍ରାଣୀ ପବ୍ଲିକ ସ୍କୁଲ କେନ୍ଦ୍ରାପଡ଼ାର ଏକ ଶୃଙ୍ଖଳିତ ବିଦ୍ୟାଳୟ କହିବା ସହିତ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅଧକ୍ଷା ସୌଦାମିନୀ ପଣ୍ଡାଙ୍କୁ ପ୍ରଶଂସା କରିଥିଲେ,ଏହି ବାର୍ଷିକ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର କରାଯାଇଥିଲା, ଏହା ପରେ କୁନି କୁନି ପିଲାମାନଙ୍କ ଦ୍ୱାରା ଅନେକ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଥିଲା, ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଅଧୟନ କରୁଥିବା ଛାତ୍ର ଛାତ୍ରୀଙ୍କ ଅଭିଭାବକ ଅଭିଭାବିକା ଓ ଅନେକ ଲୋକ ଯାଗଦେଇଥିବାବେଳେ ପିଲାମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ନାଚ ଗୀତକୁ ଖୁବ ଉପଭୋଗ କରିଥିଲେ ।

# ପଟିସାରୀରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ



ବଡସାହି , ୧୨/୧ (ନି.ପ୍ର): ପଟିସାରୀ ଉନ୍ନୀତ ଉ : ପ୍ରା:ବିଦ୍ୟାଳୟ ପରିସରରେ ଉକ୍ତ ବିଦ୍ୟାଳୟରୁ ନିକଟରେ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ସନ୍ତୋଷ କୁମାର ତରେଇଙ୍କ ବିଦାୟ ସମ୍ବର୍ଦ୍ଧନା ଓ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଅଛି । ଏଥିନିମନ୍ତେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା ସମିତିର ଚେଆରପରଶନ ଅଭୟ କୁମାର ବେହେରା ସଭାପତିତ୍ୱ କରିଥିଲେ। ବିଶେଷ ଅତିଥି ରୂପେ ବଡ଼ସାହି ବିଧାୟକ ସନାତନ ବିଜୁଳି ଓ ମୁଖ୍ୟ ଅତିଥିଭାବେ ବଡସାହି ଗୋଷ୍ଠୀ ଶିକ୍ଷାଧିକାରୀ ମିସ୍ ମଧୁସ୍ମିତା ଗିରି ଏବଂ ସମ୍ମାନିତ ଅତିଥିଭାବେ ପୂର୍ବତନ ଗୋଷ୍ଠୀ ସମ୍ବଳ ସଂଯୋଜକ ଦୀନବନ୍ଧୁ ଦାସ, ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି , ବ୍ଲକ୍ ଓଲଷ୍ଟ । ସଂପାଦକ ରତିକାନ୍ତ ବେହେରା ପ୍ରମୁଖ ବିଦାୟୀ ଶିକ୍ଷକ ଶ୍ରୀ ତରାଇଙ୍କ କାର୍ଯ୍ୟଶୈଳୀ ତଥା ଶିକ୍ଷଣଶୈଳୀ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ସଭାରେ ଉପସ୍ଥିତ ତିନିଜଣ ଏବିଇଓ ପଦ୍ମଲୋଚନ ଦାସ, ବସନ୍ତ ମଞ୍ଜିରୀ ପଟ୍ଟନାୟକ ଓ ରାଧିଆ ମୁଣ୍ଡ। ମଧ୍ୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସୁଗୁଣାବଳୀ ଓ ଛାତ୍ର ବତ୍ସଳତା ସମନ୍ଧରେ ଆଲୋକପାତ କରିଥିଲେ। ସହସ୍ରାଧିକ ଗ୍ରାମବାସୀ, ଅଭିଭାବକ ପାର୍ଶ୍ୱସ୍ଥ ବିଦ୍ୟାଳୟର ଶିକ୍ଷକ/ଶିକ୍ଷିକା ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ବାର୍ଷିକ ଉତ୍ସବର ପୁରସ୍କାର ମାନ ବଣ୍ଟନ କରାଯାଇଥିଲା । ସିଆରସିସି ଦେବରଂଜନ ମୁଖି ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ନିରଂଜନ ପଲେଇ, ରାମକୃଷ୍ଣ ଜାଉ, ସୁକାନ୍ତ ନାଏକ ସହଯୋଗ କରିଥିଲେ। ସଂଯୋଜନା କରିଥିଲେ କାହ୍ନୁଚରଣ ବାରିକ ଓ ଧନ୍ୟବାଦ ଜ୍ଞାପନ କରିଥିଲେ ଶିକ୍ଷୟିତ୍ରୀ କବିତା ସ୍ୱାଇଁ।

# ସଂଗ୍ରାମୀ ଜନନେତା ଗଦାଧର ଗିରିଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ




ଲଙ୍ଗଳେଶ୍ୱର , ୧୨/୧ (ନି.ପ୍ର): ନିଃସ୍ୱାର୍ଥପର ସଂଗ୍ରାମୀ ଜନ ନେତା ତଥା ପୂର୍ବତନ ବିଧାୟକ ଗଦାଧର ଗିରିଙ୍କ ୩୭ ତମ ଶ୍ରାଦ୍ଧ ବାର୍ଷିକୀ ବାଲିଆପାଳ ବ୍ଲକ ପଞ୍ଚୁପାଲି ଠାରେ ଶୁକ୍ରବାର ଅପରାହ୍ନରେ ପାଳିତ ହୋଇ ଯାଇଛି। ପୂର୍ବତନ ସରପଞ୍ଚ ବଟକୃଷ୍ଣ ଗିରି ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଗଦାଧର ସ୍ମୃତି ବିକାଶ ପରିଷଦର ମୁଖ୍ୟ ବିକାଶ ଚନ୍ଦ୍ର ଗିରି ସ୍ୱାଗତ ଭାଷଣ, ପରିଷଦର ସଭାପତି ଧୀରେନ୍ଦ୍ର ନାଥ ହାଜିରା ବିବରଣୀ ପ୍ରଦାନ କରିଥିଲେ। ସମ୍ବାଦର ପୂର୍ବତନ ସମ୍ପାଦକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ସାହିତ୍ୟିକ ବ୍ରଜେନ୍ଦ୍ର ନାଥ ଗିରି, ସମାଜସେବୀ ସଞ୍ଜୟ କୁମାର ପାତ୍ର, ରାଜ ନେତା ମହେଶ୍ୱର ଜେନାପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଗଦାଧର ଗିରିଙ୍କ ପରି ଜନନେତାଙ୍କ ତୁଳନା ନାହିଁ ବୋଲି କହିଥିଲେ। ସେହିପରି କାଳିପଦା ଠାରେ ମଧ ଗଦାଧର ଗିରିଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇ ଯାଇଛି।ଏଥିରେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା , ସାହିତ୍ୟିକ ଡ଼ଃ ହରିଶ୍ଚନ୍ଦ୍ର ବେହେରା, ନାରୀ ନେତ୍ରୀ ଶ୍ରଦ୍ଧାଞ୍ଜଳି ପ୍ରଧାନ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଗିରି ଙ୍କ ସ୍ମୃତି ଚରଣ କରିଥିଲେ।ବଜାର କମିଟି ସଭାପତି ନିତ୍ୟାନନ୍ଦ ଦାସ ଏହାକୁ ପରିଚାଳନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ବନ୍ଧା ହେଲେ ଓଏମଭିଡି ...

ଏହା ପରେ ତାଳଚେର ସ୍ଥିତ ତାଙ୍କ ଭଡ଼ା ଘର ସହିତ ତାଙ୍କ ନିଜ ଗାଁ ଅସ୍ତରଙ୍ଗ ସ୍ଥିତ ଘର ଓ ପାରାଦୀପରେ ତାଙ୍କ ଭାଇ ଘରେ ଚଢ଼ାଉ ହୋଇଥିଲା। ଚଢ଼ାଉ ବେଳେ ତାଳଚେର ସ୍ଥିତ ତାଙ୍କ ଭଡ଼ା ଘରୁ ୩ ଲକ୍ଷ ୮ ହଜାର ୭୫୦ ଟଙ୍କା ଓ ୩୩୬ ଗ୍ରାମ ସୁନା ମିଳିଥିଲା। ଅସ୍ତରଙ୍ଗ ସ୍ଥିତ ଘରୁ ୧୦ ଲକ୍ଷ ଟଙ୍କା ମିଳିଥିଲା। ଏହିଭଳି ଭାବେ ତାଙ୍କ ଠାରୁ ମୋଟ ୨୪ ଲକ୍ଷ ୨୭ ହଜାର ୯୦୦ ଟଙ୍କା ଜବତ କରାଯାଇଥିଲା, ଯାହା ସଂପର୍କରେ ସେ କୌଣସି ସନ୍ତୋଷଜନକ କାରଣ ଦର୍ଶାଇ ପାରି ନଥିଲେ। ତେଣୁ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଭିଜିଲାନ୍ସ। ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଛି।

## ଆଜିଠୁ ବାଲେଶ୍ୱରରେ....

ବେତନଟୀଠାରେ ସଂରକ୍ଷିତ ଟିକେଟ୍ ବୁକିଂ ବ୍ୟବସ୍ଥା ନିମନ୍ତେ ନୂଆ ପିଆରଏସ୍ କାଉଣ୍ଟର ଖୋଲିବ । ବେତନଟ ଷ୍ଟେସନଠାରେ ଅଧିକ ଯାତ୍ରୀ ସୁବିଧା ଓ ନିରାପତ୍ତା ବ୍ୟବସ୍ଥା ପାଇଁ ଏକ ସବୱେ ନିର୍ମାଣ କରାଯିବ । ଏହାଫଳରେ ଷ୍ଟେସନକୁ ଯାତ୍ରୀମାନଙ୍କ ପ୍ରବେଶ ଓ ପ୍ରସ୍ଥାନକୁ ସୁନିଶ୍ଚିତ କରିବା ସହ ସ୍ଥାନୀୟ ଲୋକମାନେ ରେଳ ଟ୍ୟାକ୍ ଅତିକ୍ରମ ନକରି ସବୱେ ଦେଇ ଯାତାୟତ କରିପାରିବେ ।

## ୧୨ ବରିଷ୍ଠ ଓଏଏସ୍ ...

ନିଗମର ଯୁଗ୍ମ କମିଶନର, ସୁଧାଂଶୁ କୁମାର ଭୋଇଙ୍କୁ ଗଞ୍ଜାମ ଜିଲ୍ଲା ଅର୍ବାନ ଡେଭଲମେଂଟ ଅଥରିଟି(ଡିୟୁଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ, ପଲ୍ଲବୀ ନାୟକଙ୍କୁ ରାଉରକେଲା ମହାନଗର ନିଗମର ଯୁଗ୍ମ କମିଶନର ଓ ସୁରଜ କୁମାର ପଟ୍ଟନାୟକଙ୍କୁ ସୁବର୍ଣ୍ଣପୁର ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି । ସେହିପରି ହିଞ୍ଜିଳିକାଟୁ ବିଡିଓ ସୁବ୍ରତ କୁମାର ଜେନାଙ୍କୁ ବ୍ରହ୍ମପୁର ସିଡିଏମଓ କାର୍ଯ୍ୟାଳୟର ପ୍ରଶାସନିକ ଅଫିସର, ଅମିତ୍ ସର୍କାରଙ୍କୁ କୋରାପୁଟ ଅତିରିକ୍ତ ଉପଜିଲ୍ଲାପାଳ ଓ ମଧୁସ୍ମିତା ସାମନ୍ତରାୟଙ୍କୁ ବାରିପଦା ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛି ।

# ଏବିଭିପି ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଶାଖା ପକ୍ଷରୁ ରାଷ୍ଟ୍ରୀୟ ଯୁବ ଦିବସ ପାଳନ

ଖୋର୍ଦ୍ଧା, ୧୨/୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଶାଖା ପକ୍ଷରୁ ରାଷ୍ଟ୍ରୀୟ ଯୁବ ଦିବସ ସ୍ୱାମୀ ବିବେକାନନ୍ଦଙ୍କ ର ୧୬୧ତମ ଜନ୍ମଜୟନ୍ତୀ ପାଳନ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲାପାଳ ସୁଦର୍ଶନ ଚକ୍ରବର୍ତ୍ତୀ, ଏସପି ସିଦ୍ଧାର୍ଥ କଟାରିଆ, ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଅଜନ୍ତା ଶତପଥୀ ଏବଂ କେନ୍ଦ୍ରୀୟ କାର୍ଯ୍ୟସମିତି ସଦସ୍ୟ ଦିପ୍ତିମୟୀ ପ୍ରତିହାରୀ, ଜିଲ୍ଲା ସହ ସଂଯୋଜକ ଶୋଭନ ରାଉତରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରୀତି ପଲ୍ଲବୀ ମହାପାତ୍ର, ମହାବିଦ୍ୟାଳୟ +୨ ଶାଖା ସଭାପତି ଦଧିବାମନ ଦାସ, +୩ ଶାଖା ସମ୍ପାଦକ ରାଜେନ୍ଦ୍ର ପ୍ରଧାନ, ଶାଖା ଉପ ସଭାପତି ପ୍ରଗତି ବାରିକ, ସାଗର ଜେନା, ସସ୍ମିତା ବେହେରା, ଓମ୍ ଚିନ୍ମୟ କୁମାର ଶକ୍ତି, ଶୁଭସ୍ମିତା, ଦିପୁ ନାୟକ, ସୌମ୍ୟ ଆଦି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଜିଲ୍ଲାପାଳ ନିଜ ବକ୍ତବ୍ୟରେ ଯୁବ ବର୍ଗଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ ।

## ବିଦ୍ୟାଳୟରେ ଖାଦ୍ୟର ମାନ ଯାଞ୍ଚକଲେ ଖାଦ୍ୟ ଆୟୋଗ ସଦସ୍ୟ

ଭଦ୍ରକ, ୧୨/୧ (ନି.ପ୍ର): ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ଅଧକ୍ଷ ଅବନୀକାନ୍ତ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଆୟୋଗ ସଦସ୍ୟ ଦୟାନିଧି ଦାଶ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍ର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଅଚାନକ ପରିଦର୍ଶନ କରି ବ୍ୟବସ୍ଥାର ଅନୁଧାନ କରିବା ସହ ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିଥିଲେ। ମାନ୍ୟବର ସଦସ୍ୟ ଭଣ୍ଡାରିପୋଖରୀ ବ୍ଲକ୍ର ରାଜେନ୍ଦ୍ରପୁର, ଶାସନ କହରାପୋଖରୀ, ରାମଚନ୍ଦ୍ରପୁର, ବିଶୋଳ, ବିଶୋଳ-୧ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ପୋଷଣ ଆପ୍ରେ ଶିଶୁମାନଙ୍କର ଓଜନ ଓ ମାପ ଅପ୍ଡେଟ୍ କରାଯାଇଥିବାରୁ ମାନ୍ୟବର ସଦସ୍ୟ ସନ୍ତୋଷ ପ୍ରକଟ କରିଥିଲେ। ସକାଳେ ଭଦ୍ରକ ବ୍ଲକ ବହୁଦରଡ଼ା ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ ସହ ବହୁ ଦରଡ଼ା ନୋଡ଼ାଲ ହାଇସ୍କୁଲରେ ୫ଟି ରୂପାନ୍ତରୀତ କାର୍ଯ୍ୟ ନେଇ ଆନନ୍ଦ ପ୍ରକାଶ କରିଥିଲେ। ସେହିପରି ମାନ୍ୟବର ସଦସ୍ୟ ରାଜେନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶାସନ କହରାପୋଖରୀ ପ୍ରାଇମେରୀ ସ୍କୁଲ, ମୁରଲୀଧର ସରକାରୀ ଉ.ପ୍ରା. ବିଦ୍ୟାଳୟ, ବିଶୋଳ କୁଲଣା ମୈତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଗିରିଧାରୀ ପଣ୍ଡା ସରକାରୀ ଉଚ୍ଚ ବିଦ୍ୟାପୀଠ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ପରଖିଥିଲେ। ୫ଟି ଅଧୀନରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ନେଇ ମାନ୍ୟବର ସଦସ୍ୟ ନିଜର ଖୁସିବ୍ୟକ୍ତ କରିଥିଲେ। ଆଜି ସକାଳେ ମାନ୍ୟବର ସଦସ୍ୟ ଜିଲ୍ଲାପାଳ ଡା. ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ, ପିଡ଼ିଏସ୍ ବ୍ୟବସ୍ଥା ଅଙ୍ଗନବାଡ଼ି ଏବଂ ମଧ୍ୟାହ୍ନ ଭୋଜନ ସଂପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ



ବଡ଼ସାହି , ୧୨/୧ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ବିହାରସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ସ୍ୱାମୀ ବିବେକାନନ୍ଦ ଜନ୍ମଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ ହୋଇ ଯାଇଛି। ଏଥିରେ ଅନୁଷ୍ଠାନର ଅଧକ୍ଷ ଡକ୍ଟର କୁମାର ବାବୁଲି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ବଗାଳ ଯୋଗଦାନ କରି ସ୍ୱାମୀ ବିବେକାନନ୍ଦ ଜଣେ ଯୁଗ ପୁରୁଷ ତାଙ୍କ ଭାଷାରେ ଯୁବଶକ୍ତିର ବିକାଶ ହିଁ ରାଷ୍ଟ୍ରର ବିକାଶ ତେଣୁ ଆମେ ପ୍ରଥମେ ଯୁବକ ମାନଙ୍କୁ ଆଗଧାଡିରେ ଆଗକୁ ଆଗେଇବା ପାଇଁ ପ୍ରୋତ୍ସାହିତ କରିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ କବି କାର୍ତ୍ତିକ ଚନ୍ଦ୍ର ସେଠୀ ଓ ସମ୍ମାନିତ ଅତିଥିଭାବେ ଦୀପକ କୁମାର ଦାସ, ସୌଭାଗ୍ୟବତୀ ରାଉତ, ଅତୁଲ୍ୟ ସୁନ୍ଦର ଭଞ୍ଜ ବାବୁ, ଭାଗ୍ୟଶ୍ରୀ ବାରିକ ତଥା ସମ୍ମାନିତ ବକ୍ତାଭାବେ ରଣଜିତ୍ କୁମାର ମହାନ୍ତି, ମାନସ କୁମାର ଲେଙ୍କା, ମଳୟମଞ୍ଜରୀ ରଥ ଓ ବେଣୁଧର ବେହେରା ଯୋଗଦାନ କରି ସ୍ୱାମୀଜୀଙ୍କ ଜୀବନ ଦର୍ଶନ ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ପୂର୍ବାହ୍ନରେ ସସ୍ମିତା ଦାସ, ବିଷ୍ଣୁପ୍ରିୟା ନାଏକ, ବାସନ୍ତି ହେମ୍ବ୍ରମ ଓ ବୃନ୍ଦାବତୀ ନାଏକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବାଣୀମନ୍ଦିରରେ ସ୍ୱାମୀ ବିବେକାନନ୍ଦ ଓ ଭାରତ ମାତାଙ୍କୁ ପୂଜା ଅର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷଭାବେ ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ ପରିଚାଳନା କରିଥିଲେ। ପରେ ପରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନଚର୍ଯ୍ୟା ଉପରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କବିତା ଦ୍ୱିବେଦୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଦୀପକ କୁମାର ବୁଗୁଡେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ରଟିଣା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଖଇରା, ୧୨/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଟିଣାସ୍ଥିତ ପ୍ରହଲ୍ଲାଦ ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ଦିନ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଏବିଇଓ ହେମନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି,ଇଂରାଜୀ ଅଧ୍ୟାପକ ବନମାଳୀ ବାରିକ ମୁଖ୍ୟବକ୍ତା,ବ୍ଲକ ଓଷ୍ଟା ସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର,ପୂର୍ବତନ ପ୍ରଧାନଶିକ୍ଷକ ସୁଦର୍ଶନ ସାହୁ,ପୁରାତନ ଛାତ୍ର ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି,ସରପଞ୍ଚ ବାସନ୍ତୀଲତା ମହାନ୍ତି,ପରିଚାଳନା କମିଟି ସଭାପତି ରାଧାଶ୍ୟାମ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଆରୋପ କରିଥିଲେ ।ନିରଞ୍ଜନ ଦାଶ ବିବରଣୀ ପାଠ ଓ ବିଜୟଲକ୍ଷ୍ମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ,ଶିକ୍ଷାକର୍ମଚାରୀ ଏହି ବାର୍ଷିକୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।


# ଅନ୍ତରା-ମହତୀପୁର ହାଇସ୍କୁଲର ସାମ୍ବତ୍ସରିକ ଉତ୍ସବ



ଖଇରା, ୧୨/୧ (ନି.ପ୍ର): ଖଇରା ବ୍ଲକ ଅଧୀନ ଅନ୍ତରାମହତୀପୁର ସ୍ଥିତ ବାଇଧର ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷୀକୋତ୍ସବ ଶୁକ୍ରବାର ଦିନ ସଭା,ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନଶିକ୍ଷକ ଷଡାନନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଆକର୍ଷଣ ଭାବେ ବିଶିଷ୍ଟ ବେଦଜ୍ଞ ତଥା ସୁବକ୍ତା ବିରେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭାରତୀୟ ସଂସ୍କୃତି ବିକୃତିରେ ପରିଣତ ହୋଇଛି । ଏବେ ସମାଜରେ ଅଜ୍ଞାନ ମୁଖ୍ୟଶତ୍ରୁ ପାଲଟିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟାର ପୁର୍ବତନ ସଭାପତି ପଦ୍ମଲୋଚନ ଦାସ ମୁଖ୍ୟ ଅତିଥି,ରାଧାକାନ୍ତ ପଣ୍ଡା,ସରପଞ୍ଚ ରଶ୍ମିତା ଜେନା,ସମିତିସଭ୍ୟା ସବିତାରାଣୀ ପଣ୍ଡା,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଖିଲାର ଓ ସୁରେନ୍ଦ୍ର ବିଶ୍ୱାଳ,ପ୍ରାକ୍ତନ ବ୍ଲକ ଓଷ୍ଟା ସଭାପତି ଦିନବନ୍ଧୁ ଦାଶ, ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ଦାଶ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଶିକ୍ଷକ ବସନ୍ତ କୁମାର ବିଶ୍ୱାଳ ଓ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବାଲେଶ୍ୱର ଜିଲ୍ଲା ମହୋତ୍ସବ କୋଶଳ-୨୦୨୪ର ଦ୍ୱିତୀୟ ସନ୍ଧ୍ୟା

## ଦର୍ଶକଙ୍କ ମନ ମୋହିଲା 'ହମ୍ ସୁଫି' ବ୍ୟାଣ୍ଡ



ବାଲେଶ୍ୱର, ୧୨/୧ (ନି.ପ୍ର): ଗତ ଜାନୁଆରୀ ତା ୧୧ ରିଖରେ ଉଦ୍ଘାଟିତ ହୋଇଥିବା ବାଲେଶ୍ୱର ଜିଲ୍ଲା ମହୋତ୍ସବ କୋଶଳ-୨୦୨୪ ର ଆଜି ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ଫକୀର ମୋହନ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବାଲେଶ୍ୱରର ରେଜିଷ୍ଟ୍ରାର ଶ୍ରୀମତୀ ମନୋରମା ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲାପରିଷଦର ଉପସଭାପତି ଶ୍ରୀମତୀ ଅନଶୁୟା ପ୍ରଧାନ, ଜଳେଶ୍ୱର ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀ ମାନସ ଜେନା, ଜଳେଶ୍ୱର ପୌରପାଳିକା ଅଧକ୍ଷ ଶ୍ରୀ ପ୍ରତୀପ କୁମାର ପ୍ରଧାନ, ବାହାନଗା ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀ ବିଶ୍ୱନାଥ ମିଶ୍ର ଓ ରେମୁଣା ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀ ରାଜେନ୍ଦ୍ର ରାଉତ, ପ୍ରମୁଖ ମଞ୍ଚାସୀନ ଥିଲେ । ବାଲେଶ୍ୱର ଜିଲ୍ଲା ମହୋତ୍ସବ କୋଶଳ-୨୦୨୪ ର 'ଜାତୀୟ ଯୁବ ଦିବସ' କେନ୍ଦ୍ରିତ ଆଜିର କାର୍ଯ୍ୟକ୍ରମରେ ଯୁବଶକ୍ତିକୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ଯୁବପିଢିଙ୍କ ନିମନ୍ତେ ବିଭିନ୍ନ କର୍ମଶାଳାର ଆୟୋଜନ କରାଯାଇଥିଲା ଓ ବୈଷୟିକ ଦକ୍ଷତା ଜଡ଼ିତ କର୍ମଶାଳାରେ ସରକାରୀ ପଲି ଟେକ୍ନିକାଲ୍ ଏବଂ ସରକାରୀ ଆଇଟିଆଇର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇ ବ୍ୟବହାରିକ କୌଶଳ ଉପରେ ଜ୍ଞାନ ଅର୍ଜନ କରିଥିଲେ ଓ ତତ୍ସହିତ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ସକ୍ଷମ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା 'ଡ୍ରଗ୍ ସଚେତନତା' କର୍ମଶାଳାରେ ମଧ୍ୟ ଏହି ଛାତ୍ରଛାତ୍ରୀମାନେ ଯୋଗଦେଇ ନିଶାଦ୍ରବ୍ୟର କ୍ଷତିକାରକ ପ୍ରଭାବ ଏବଂ ଡ୍ରଗ୍ ମୁକ୍ତ ସମାଜର ପ୍ରତିପୋଷଣର ଗୁରୁତ୍ୱ ବିଷୟରେ ଶିକ୍ଷା ଲାଭ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଆକର୍ଷଣୀୟ ମଞ୍ଚ ଉପସ୍ଥିତି ଏବଂ ହୃଦୟ ସ୍ପର୍ଶୀ ସୁଫି ସଙ୍ଗୀତ ସହିତ ବାଲେଶ୍ୱରବାସୀଙ୍କୁ ଏକ ନିଆରା ଅନୁଭୂତି ଭେଟି ଦେଇଥିଲା ଜାତୀୟସ୍ତରର ପ୍ରଖ୍ୟାତ 'ହମ୍ ସୁଫି' ବ୍ୟାଣ୍ଡ ଓ ସେହି ଭଳି ବାଲେଶ୍ୱରର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନେ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ ଓ ଆଜିର ମହାସମାରୋହକୁ ବାଲେଶ୍ୱରର ଜନସାଧାରଣମାନେ ବହୁ ସଂଖ୍ୟାରେ ଯୋଗ ଦେଇ ଉପଭୋଗ କରିଥିଲେ।

# ଖୋର୍ଦ୍ଧାରେ ଜିଲ୍ଲାସ୍ତରୀୟ ବାଳିକା ଖୋ-ଖୋ ଏବଂ କବାଡି ପ୍ରତିଯୋଗିତା

## କବାଡିରେ ବାଲିପାଟଣା ଏବଂ ଖୋ-ଖୋରେ ଜଟଣୀ ବ୍ଲକ ଚମ୍ପିୟାନ



ଖୋର୍ଦ୍ଧା,୧୨।୧: କେନ୍ଦ୍ର ସରକାରଙ୍କ ବେଟୀ ବଚାଓ ବେଟୀ ପଢାଓ ଏବଂ ରାଜ୍ୟ ସରକାରଙ୍କ ବିଜୁ କନ୍ୟା ରତ୍ନ ଯୋଜନା କେବଳ ଝିଅ ମାନଙ୍କୁ ଆଗକୁ ବଢିବା ପାଇଁ ପ୍ରୋତ୍ସାହିତ କରିବା ସହିତ ବିଭିନ୍ନ ସମୟରେ ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ବିଭିନ୍ନ ପ୍ରକାରର ପଦକ୍ଷେପ ନିଆଯାଇଥାଏ । ଆଜି ଖୋର୍ଦ୍ଧା ଜିଲ୍ଲାର ୧୦ ଗୋଟି ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ବଛା ହୋଇ ଆସିଥିବା ଝିଅମାନଙ୍କୁ ନେଇ ଖୋର୍ଦ୍ଧା ଷ୍ଟାଡିୟମରେ ଖୋ-ଖୋ ଏବଂ କବାଡି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏହି ପ୍ରତିଯୋଗୀତାକୁ ଆୟୋଜନ କରିଥିଲେ । ଏହି ପ୍ରତିଯୋଗୀତାକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ପଟ୍ଟନାୟକ ଅନୁଷ୍ଠାନିକ ଭାବରେ ଉଦଘାଟନ କରିବା ସହିତ ଝିଅ ମାନେ କିପରି ସେମାନଙ୍କ ଜୀବନ ଯୁଦ୍ଧରେ ଆଗକୁ ବଢି ସଫଳତା ଲାଭ କରିବା ଉପରେ ମନ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରତିଯୋଗୀତାକୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପିଇଟି ଶିକ୍ଷକ ସୁଚାରୁ ରୂପେ କରିଥିଲେ । କବାଡି ପ୍ରତିଯୋଗିତାରେ ରେ ବାଲିପାଟଣା ଖୋର୍ଦ୍ଧା ବ୍ଲକକୁ ହରାଇ ଚମ୍ପିୟାନ ହୋଇଥିବାବେଳେ ଖୋ-ଖୋ ରେ ଜଟଣୀ ଖୋର୍ଦ୍ଧାକୁ ହରାଇ ଚମ୍ପିୟାନ ହୋଇଛନ୍ତି । ଏହି ପ୍ରତିଯୋଗିତାର ଉଦଜାପାନୀ ଉତ୍ସବ ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିଶୁ ମଙ୍ଗଳ ସମିତିର ସଭ୍ୟ ବ୍ରଜ କିଶୋର ମହାପାତ୍ର, ଖୋର୍ଦ୍ଧାର ବରିଷ୍ଠ ପିଇଟି ଶିକ୍ଷକ ଭାଗିରଥି ଜେନା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରୋବୋସନ ଅଫିସର ସୌମେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ବାଲିପାଟଣା ଏବଂ ଜଟଣୀ ବ୍ଲକ ର ପିଲାମାନଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରିଲେ କରିଥିଲେ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ କନ୍ୟା ମାନଙ୍କୁ ମଧ ଅଂଶଗ୍ରହଣ ପ୍ରମାଣପତ୍ର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ପ୍ରଦାନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା ରଞ୍ଜନ କୁମାର ଗୋଛାୟତ, ଶଚିନ୍ଦ୍ରନାଥ ସାହୁ, ସୁକାନ୍ତ କୁମାର ପୃଷ୍ଟି, ଅଶୋକ କୁମାର ସେଠି, ରତାଞ୍ଜଳି ମହାନ୍ତି ପରିଚାଳନା କରିଥିଲେ । ୟୁନିଟ ର ପରାମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ଯୁବ ଦିବସରୁ ଆରମ୍ଭ ହେଲା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର

ଉଦଳା , ୧୨/୧ (ନି.ପ୍ର): ଖୁଂଟା ବ୍ଲକ ଅନ୍ତର୍ଗତ ଧାନଘେରାସ୍ଥିତ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଆଜି ସ୍ୱାମି ବିବେକାନନ୍ଦଙ୍କ ଜୟନ୍ତି (ଜାତୀୟ ଯୁବ ଦିବସ) ପାଳନ ଅବସରରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି । ମହାବିଦ୍ୟାଳୟର ଅଧକ୍ଷା ଲକ୍ଷ୍ମିପ୍ରିୟା ବେହେରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ତାଲିମ ଶିବିରକୁ ଉଦ୍ଘାଟନ କରି ସାହାସର ସହିତ ସବୁ ପ୍ରକାର ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଏହି ତାଲିମ ଆମ ଭିତରେ ଦମ୍ଭ ଭରି ଦେଇଥାଏ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ସୁବାସ ଚନ୍ଦ୍ର ଦାସ, କୁଳମଣି ବେହେରା ଓ ସରୋଜ କୁମାର ପଣ୍ଡା ଶିବିରର ରୂପ ରେଖ କିପରି ରହିବ ସେ ସମ୍ପର୍କରେ ଅବଗତ କରାଇବା ସହିତ ଆସନ୍ତା ୨୩ ତାରିଖରେ ଶିବିର ଉଦ୍ଯାପିତ ହେବ ବୋଲି ବକ୍ତବ୍ୟ ମାଧ୍ୟମରେ ସୂଚନା ପ୍ରଦାନ କରିଥିଲେ । ଏହାପରେ ଶିବିରର ରଣ କୌଶଳ ତାଲିମ ଆରମ୍ଭ ହୋଇଥିଲା ।

**AFFIDAVIT**

An affidavit before the Notary Public, Balasore, I, Kahnu Charan Giri, aged about 41 years, S/o: Debendra Giri of Village: Panchupali,P.O: Panchupali, Via: Langaleswar, P.S: Baliapal, Dist: Balasore Declare that My name is Kahnu Charan Giri which is mentioned in Aadhaar Card Bearing No. 545583651720 But mistakely my name is printed as Pankaj Giri in my LIC Policy No 588272907. Pankaj Giri is my nick name. So Kahnu Charan Giri and Pankaj Giri is both name is one and same person. Henceforth I will be known as in all purpose.

**Kahnu Charan Giri**

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# 'ଜଗନ୍ନାଥ ପରିକ୍ରମା' ଦିନ ମଦ ବିକ୍ରୀ ନିଷେଧ ପାଇଁ 'ମନା'ର ଦାବି



ବାଲେଶ୍ୱର, ୧୨/୧ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ (ମନା)ର ମାସିକ ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ସାଧାରଣ ସଂପାଦିକା ମମତା ମହାପାତ୍ର ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ମହାବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀମାନେ ନିଶା ବିରୋଧରେ ଶପଥପାଠ କରିବା ପାଇଁ ସରକାର ଦେଇଥିବା କଡ଼ା ନିର୍ଦ୍ଦେଶନାମାକୁ ବୈଠକରେ ସର୍ବସମ୍ମତ କ୍ରମେ ସ୍ୱାଗତ କରାଯାଇଥିଲା କିନ୍ତୁ ଏହା କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଲା ବୋଲି କ୍ଷୋଭ ପ୍ରକାଶ କରାଯାଇଥିଲା । ଆଗାମୀ ୧୭ ଜାନୁଆରୀରେ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ରାଜ୍ୟରେ ମଦ ବିକ୍ରୀ ନିଷେଧ କରିବାକୁ ସରକାରଙ୍କୁ ନିବେଦନ କରାଯିବାକୁ ସ୍ଥିର କରାଗଲା । ଆଗାମୀ ଦିନରେ 'ମନା' ତରଫରୁ ମଦ ବିରୋଧି ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ/ମହାବିଦ୍ୟାଳୟ ମାନଙ୍କରେ ତ୍ୱରାନ୍ୱିତ କରାଯିବା ପାଇଁ ବୈଠକରେ ସ୍ଥିର ହେଲା । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସୁବ୍ରତ କର, ଗୌରାଙ୍ଗ ପାଣିଗ୍ରାହୀ, ଡ. କ୍ଷିତୀଶ୍ୱର ଦାଶ, ରମେଶ ଚନ୍ଦ୍ର ଜେନା, ଗୀତାଞ୍ଜଳି ସିଂହ, କମଳାକାନ୍ତ ଦାଶ, ପ୍ରଫୁଲ୍ଲ କୁମାର ଦାସ, ଯୋଗେଶ ଚନ୍ଦ୍ର ପ୍ରଧାନ, ଭାରତୀ ପଣ୍ଡା, ରବି ନାରାୟଣ ଭୋଳ, ସନାତନ ଦାସ, ଅକ୍ଷୟ କୁମାର ତ୍ରିପାଠୀ, ପ୍ରଣୀତା ମିଶ୍ର, ମୀନା ସେଠୀ, ପ୍ରଭାକର ସାହୁ(ଖ), କ୍ରୀଷ୍ଣା ଶାହା, ବେଣୁଧର ସାହୁ, ଅବନ୍ତୀ ପ୍ରଧାନ, ନିରଞ୍ଜନ ରାଉତ, ସୀତାରାମ ପ୍ରଧାନ ଓ ବସନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# କବି ବ୍ରଜନାଥ ରଥ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ତଥା ୮୯ତମ ଜୟନ୍ତୀ ପାଳିତ

## ସାରସ୍ୱତ ସମ୍ମାନ ଗ୍ରହଣ କଲେ ଡ. ରମାକାନ୍ତ ବେହେରା, ସ୍ମୃତି ସମ୍ମାନ ଗବେଷକ ଅସିତ ମହାନ୍ତି ଓ ସାରସ୍ୱତ ସମ୍ବର୍ଦ୍ଧନା ଶିଳ୍ପୀ ନିତ୍ୟାନନ୍ଦ ସାହୁ




ବାଲେଶ୍ୱର , ୧୨/୧ (ନି.ପ୍ର): କବି ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ପରି କବିଙ୍କର ୮୯ତମ ଜନ୍ମଦିନ ତଥା ବିଶ୍ୱତାରା ଓଡିଆ ଗବେଷଣା ଗ୍ରନ୍ଥାଗାରର ସପ୍ତଦଶ ପ୍ରତିଷ୍ଠା ଦିବସ କବିଙ୍କ ସୁନହଟସ୍ଥିତ ବାସଭବନରେ ପାଳନ କରାଯାଇଛି । ସକାଳ ୧୦ଟାରେ କବି କାଳିକିଙ୍କର ଦାସଙ୍କ ସଂଯୋଜନାରେ କବିଙ୍କର ନିର୍ବାଚିତ କବିତା ଉପସ୍ଥିତ କବିମାନେ ପାଠକରିଥିଲେ । ଦିନ ୧୧ଟାବେଳେ କବି ବ୍ରଜନାଥ ରଥ, ବ୍ୟାସକବି ଫକୀରମୋହନ ତଥା ପିତା ବିଶ୍ୱନାଥ ରଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଦୀପ ପ୍ରଜ୍ୱୋଳନ କରି ଉତ୍ସବକୁ ବିଧିବଦ୍ଧଭାବରେ ଉଦଘାଟନ କରାଯାଇଥିଲା। ବିଶିଷ୍ଟ ଗବେଷିକା ତଥା ଫକୀର ମୋହନଙ୍କର ଅଣନାତୁଣୀ ଡ. ନିବେଦିତା ମହାନ୍ତି ସଭାପତିତ୍ୱ କରି କବି ବ୍ରଜନାଥ ରଥ ଓଡ଼ିଶା ଓ ଜାତୀୟ ସ୍ତରର ଜଣେ ମହାନକବି ଓ ଲେଖକଥିଲେ ବୋଲି ଅବିହିତ କରିଥିଲେ। ମୁଖ୍ୟ ଅତିଥି ଭାବରେ ସୁ- ଖାତ କବି ଓ ପ୍ରବନ୍ଧିକ ଶୀଳେନ୍ଦ୍ର ରବି ଯୋଗଦେଇ କବି ବ୍ରଜନାଥ ରଥଙ୍କୁ ଓଡ଼ିଆ ସାହିତ୍ୟର ଏକବଳିଷ୍ଠ ପ୍ରତିଭା ବୋଲି କହିଥିଲେ। ଏହି ଅବସରରେ ବିଶିଷ୍ଟ ପ୍ରାବନ୍ଧିକ ଡ଼.ରମାକାନ୍ତ ବେହେରାଙ୍କୁ କବି ବ୍ରଜନାଥ ରଥ ସାରସ୍ୱତ ସମ୍ମାନ,ଗବେଷକ ଅସିତ ମହାନ୍ତିଙ୍କୁ କବିବ୍ରଜନାଥ ରଥ ସ୍ମୃତି ସମ୍ମାନ ତଥା ଯୁବ ଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କ କବି ବ୍ରଜନାଥ ରଥ ସାରସତ୍ୱ ସମ୍ବର୍ଦ୍ଧନା ମୁଖ୍ୟ ଅତିଥି ତଥା ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟର ଟ୍ରଷ୍ଟି ପୁଷ୍ପଲତା ଦେବୀ ମିଳିତ ଭାବରେ ପ୍ରଦାନ କରିଥିଲେ । ଏହି ସମ୍ମାନରେ ନଗଦ ଅର୍ଥ ରାଶି ୨୫ହଜାର ଟଙ୍କା ଓ ୫ହଜାର ଟଙ୍କା ସହିତ ପ୍ରଶସ୍ତିପତ୍ର ତଥା ଅଙ୍ଗବସ୍ତ୍ର ପ୍ରଦାନ କରାଯିଇଥିଲା। ସମ୍ବର୍ଦ୍ଧନାର ଉତର ଦେବାକୁ ଯାଇ ଡ଼.ରମାକାନ୍ତ ବେହେରା କବି ବ୍ରଜନାଥ ରଥ ଜଣେ ଅଗ୍ରଜ କବି ଭାବରେ ଚିରକାଳ ମନେ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀଯୁକ୍ତ ବେହେରା କବି ରଥଙ୍କ ସହ ତାଙ୍କର ଦୀର୍ଘ ଦିନର ଆତ୍ମିକ ସଂପର୍କକୁ ମନେ ପକାଇ କହିଥିଲେ ଯେ କବି ରଥ କେବଳ ନିଜପାଇଁ ବଂଚିନଥିଲେ ବରଂ ଅନେକଙ୍କୁ ସେ ଜୀବନର ପଥରେ ଉଚିତ ଦିଗ୍‌ଦର୍ଶନ ଦେଇ ପ୍ରତିଷ୍ଠିତ କରିବାରେ ସହଯୋଗ କରିଥିଲେ। ସ୍ମୃତି ସମ୍ମାନ ଗ୍ରହଣ କରିଥିବା ବିଶିଷ୍ଟ ଗବେଷକ ଅସିତ ମହାନ୍ତି କବି ବ୍ରଜନାଥ ରଥ ଙ୍କର କବିତା ଖୁବ୍ ତିକ୍ଷଣ ଓ ସାଣିତ ଥିଲା,ସେ ଖୁବ ପକ୍ଷବାଦି ଥିଲେବୋଲି କରିଥିଲେ। ଯୁବ ଶିଳ୍ପୀ ନିତ୍ୟାନନ୍ଦ ସାହୁ କବି ବ୍ରଜନାଥ ରଥ ତାଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ପ୍ରରମ୍ଭରେ କବି କାଳିକିଂକର ଦାସ ମଂଚ ଆହ୍ୱାନ ତଥା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କବି କାଳିପଦ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମନସ୍ୱିନୀ ଦେବି , ଦେବିଦତ ଆଚାର୍ଯ୍ୟ ତଥା ମଞ୍ଜୁ ଶତପଥୀ ମାନପତ୍ର ପାଠ କରିଥିବାବେଳେ ଶେଷରେ ମନସ୍ୱନୀ ଦେବୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷିରେ କବି କାଳିକିଂକର ଦାସଙ୍କର ଶିଶୁ ଗଳ୍ପ ସଂକଳନ ଶିଶୁଙ୍କ ପାଇଁ ସତ ସତିଆଗପ , କବି ବ୍ରଜନାଥ ରଥଙ୍କ ସହ ସରସ୍ୱତ ସୃଜନ ସଂଳାପ ଓ ତ୍ରୟୀମାସିକ ପତ୍ରୀକା ସ୍ୱପ୍ନ ଦୀପ କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ ବାଲେଶ୍ୱର ତଥା ଓଡ଼ିଶାର ବିଭିନ୍ନ ଅଂଚଳରୁ କବି ଓ ଲେଖକ ମାନେ ଯୋଗ ଦେଇଥିଲେ। ପ୍ରତିବର୍ଷ ପରି କବିଙ୍କ ଅବର୍ତମାନରେ ଏକ ସାରସତ୍ୱ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି ସମାରୋହକୁ ସଫଳ କରିବାରେ ବ୍ୟୋମନାଥ ରଥ,ବିଧୁନାଥ ରଥ, ଅନିତା ରଥ ଅନୁସୂୟା ରଥ, ଅର୍ଚ୍ଚନା ରଥ,ଡ଼ା.ମୃତ୍ୟୁଞ୍ଜୟ ମିଶ୍ର,ଓଜସ୍ୱିନୀ ମିଶ୍ର,ମନସ୍ୱିନୀ ଦେବୀ,ସ୍ୱାଭାଗିନି ମିଶ୍ର, ରାଧାନାଥ ରଥ.ପରମାନନ୍ଦ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ନୂଆ - ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ଉଦଳା , ୧୨/୧ (ନି.ପ୍ର): ଓଡ଼ିଶା ସରକାରଙ୍କର ନୂଆ - ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆଧାରରେ ହେବାକୁ ଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନିର ଆୟୋଜନ ଓ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଅବସରରେ ବିଭିନ୍ନ ମହାବିଦ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ମାନ ଅନୁଷ୍ଠିତ ହେଉଛି । ଏହି ଅବସରରେ ଆଜି ଜାନୁଆରି ୧୨ ତାରିଖ ଶୁକ୍ରବାର ସ୍ୱାମି ବିବେକାନନ୍ଦଙ୍କ ଜୟନ୍ତି (ଜାତୀୟ ଯୁବ ଦିବସ) ପାଳନ ଅବସରରେ କପ୍ତିପଦା ବ୍ଲକର ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ଓ ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ପରିସରରେ ଏହାର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ମେଘାସନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଈଶ୍ୱର ଚନ୍ଦ୍ର ପଣ୍ଡା ଓ ଅବସର ପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲିପ କୁମାର ଦୀକ୍ଷିତ ଯଥା କ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ରାଜ୍ୟ ସରକାରଙ୍କର ଏହି ଭଳି ଏକ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନୋଡ଼ାଲ ଅଫିସର ଅଧାପିକା ଡ଼. ଶୁଭଦର୍ଶନୀ ମହାନ୍ତି ଓ ପ୍ରଶାସନିକ ଅଧିକାରୀ ଅଧାପକ ଡ଼. ନିରଂଜନ ପାଠୀ କାର୍ଯ୍ୟକ୍ରମର ରୂପରେଖ କିପରି ରହିବ ସେ ସମ୍ପର୍କରେ ଅବଗତ କରାଇବା ସହ ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖରେ ଉଦ୍‌ଯାପିତ ହେବ ବୋଲି ସୂଚନା ପ୍ରଦାନ କରିଥିଲେ । ସେହିପରି ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହି କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ଓଡ଼ିଆ ଭାଷା ହିଁ ଆମର ପରିଚୟ ବୋଲି ବ୍ୟକ୍ତ କରିଥିଲେ । ପରିଚାଳନା କମିଟିର ସଭାପତି ରବିନ୍ଦ୍ର କଟୁଆଳ ଓ ଅବସର ପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲିପ କୁମାର ଦୀକ୍ଷିତ ଅତିଥି ଭାବରେ ଯୋଗ ଦେଇ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଓ ଏହାର ପ୍ରଚାର ପ୍ରସାର ପାଇଁ ଆମକୁ କିପରି ସଜାଗ ହେବାକୁ ପଡ଼ିବ ସେ ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ନୋଡ଼ାଲ ଅଫିସର ଅଧାପିକା ମଂଜୁଲତା ନାୟକ ଓ ଅଧାପିକା ଲକ୍ଷ୍ମୀପ୍ରିୟା ସିଂ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିଲେ ।

# ରେଳମନ୍ତ୍ରୀଙ୍କ ବେତନଟୀ ଗସ୍ତକୁ ନେଇ ସ୍ଥିତି ସମୀକ୍ଷା କରିଲେ ଦ:ପୂ ରେଳ ବିଭାଗର ଜିଏମ

ବେତନଟୀ, ୧୨/୧ (ନି.ପ୍ର): ଆସନ୍ତା ୧୩ ତାରିଖ ଅପରାହ୍ନରେ ରେଳମନ୍ତ୍ରୀଙ୍କ ବେତନଟୀ ରେଳଷ୍ଟେସନରେ ଥିବା କାର୍ଯ୍ୟକ୍ରମରେ ଜୋଗଦେବାକୁ ଆସିଥିବା ବେଳେ ଗୁରୁବାର ଷ୍ଟେସନରେ ପହଞ୍ଚି ସ୍ଥିତିସମୀକ୍ଷା ସହିତ ବିଭିନ୍ନ କାର୍ଯ୍ୟର ତଦାରଖ କଲେ ଦକ୍ଷିଣ ପୂର୍ବ ରେଳପଥର ଜେନେରାଲ ମ୍ୟାନେଜର ଅନିଲ କୁମାର ମିଶ୍ର। ଖଡ଼ଗପୁର ଡିଭିଜନର ଡିଆରଏମ କେଆର ଚୌଧୁରୀଙ୍କ ସମେତ ବାଲେଶ୍ୱର ସାଂସଦ ତଥା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ବଡ଼ସାହି ନିର୍ବାଚନ ମଣ୍ଡଳୀର ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳିଙ୍କ ସମେତ ରେଳବିଭାର ବହୁତ ପଦସ୍ଥ ପଦାଧିକାରୀଗଣ ଯୋଗଦେଇଥିଲେ । ବେତନଟୀ ରେଳଷ୍ଟେସନରେ ଅଣ୍ଡରପାସ ନିର୍ମାଣର ଶୁଭଶିଳାନ୍ୟାସ ସାଙ୍ଗକୁ ରିଜର୍ଭସନ କାଉଣ୍ଟରର ଲୋକାର୍ପଣ କାର୍ଯ୍ୟକ୍ରମ ରହିଛି । ଏନେଇ ଦକ୍ଷିଣପୂର୍ବ ରେଳପଥର ଜେନେରାଲ ମ୍ୟାନେଜର, ଡିଆରଏମ, ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ, ବିଧାୟକ ଶ୍ରୀଯୁକ୍ତବିଜୁଳି ତଥା ଅନ୍ୟାନ୍ୟ ଅଧିକାରୀଗଣ ପ୍ରମୁଖ ଷ୍ଟେସନ ପରିସରରେ ସଭାସ୍ଥଳ ଏବଂ ଅନ୍ୟାନ୍ୟ କାର୍ଯ୍ୟଗୁଡିକର ତଦାରଖ କରିବା ସହିତ ସ୍ଥିତି ସମୀକ୍ଷା କରିଛନ୍ତି । ଏହି ଅବସରରେ ମଣ୍ଡଳସଭାପତି ରାଜକିଶୋର ସାହା, ରତିକାନ୍ତ ମହାନ୍ତ, ସର୍ବେଶ୍ୱର ନାୟକ, ପ୍ରାକ୍ତନ ଜିଲ୍ଲାପରିଷଦ ବ୍ରଜମୋହନ ବେହେରା, ପ୍ରାକ୍ତନ ବ୍ଲକଉପାଧାଖ୍ୟା ଅମ୍ବିକା ବାରିକ, ସଞ୍ଜୟ ବେହେରା, ଖଗେନ୍ଦ୍ର ସାହୁ, ଅଲୟ ପ୍ରଧାନ, ଜଗବନ୍ଧୁ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ୨୪ ତମ ଜିଲ୍ଲା ଶାଖା ବାର୍ଷିକ ଉତ୍ସବ



ଭଦ୍ରକ , ୧୨/୧ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଉତ୍କଳ ସାମ୍ବାଦିକ ସଂଘ ର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ସଂସ୍କୃତିଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। । ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ କାର୍ଯ୍ୟକାରିଣୀ ବୈଠକ ହୋଇଥିଲା। ଉଦ୍‌ଘାଟକ ଭାବେ ସଂସଦ ମଂଜୁଲତା ମଣ୍ଡଳ, ମୁଖ୍ୟ ଅତିଥି ଭାବେ ବିଧାୟକ ସଂଜୀବ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ରାଜ୍ୟ ସଭାପତି ବିଭୁତି ଭୁଷଣ କର , ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ, ରୋଟାରିଆନ କୂଳଦୀପ ରଥ, ରାଜ୍ୟ କୋଷାଧ୍ୟକ୍ଷ ରାଜେନ ଚୌଧୁରୀ, ସଂଗଠନ ସଂପାଦକ ଅପୂର୍ବରଂଜନ ବେହେରା, ଜିଲ୍ଲା ସଂପାଦକ ଆଶିଷ ଅମିତାଭ ମହାପାତ୍ର ପ୍ରମୁଖ ମଂଚାସୀନ ଥିଲେ। ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ, ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତା ମାତା ଓ ୨୫ରୁ ଉର୍ଦ୍ଧ୍ୱ ଅବିବାହିତ ପୁଅ ଝିଅଙ୍କୁ ସାମିଲ କରିବା ସହିତ ସଂଘରେ ସଦସ୍ୟ ସଂଖ୍ୟା ବୃଦ୍ଧି, ସାମ୍ବାଦିକ ସୁରକ୍ଷା ଆଇନ, ରାଜ୍ୟ ସରକାର ପ୍ରଦାନ କରୁଥିବା ବୀମା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ଜିଲ୍ଲା ସଭାପତି ଖବରଦାତାମାନଙ୍କ ପାଇଁ ଏକ ସାମ୍ବାଦିକ ଭବନ ନିର୍ମାଣ କରିବା ପାଇଁ ବିଧାୟକଙ୍କ ନିକଟରେ ଦାବୀ ରଖିଥିଲେ ।ଖବରଦାତା ସୁଧାକର ଦାଶ ଅତିଥି ପରିଚୟ ପ୍ରଦାନ,ଦୀପ୍ତୀରଂଜନ ନାୟକ ସ୍ୱାଗତ,ନୀରଦ ଦାସ ଓ ଶ୍ୟାମସୁନ୍ଦର ମହାପାତ୍ର ସାମ୍ବାଦିକ ମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ ।ସାମ୍ବାଦିକ ମନୋରଂଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ କାର୍ଯ୍ୟକାରୀ ସଭାପତି ଚାରୁଦତ ନାୟକ,ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ,ଆବାହକ ଅବିନାଶ ପଣ୍ଡା,ଶୁଭଦୀପ ମଲ୍ଲିକ, ରାମନାରାୟଣ ମହାନ୍ତି, ରମେଶ ଚନ୍ଦ୍ର ପାଗଳ,ସନ୍ତୋଷ ଦାସ ,ସୁଶାନ୍ତ ରାଉତ,ଜାଫର ଅଲ୍ଲୀ, ପାର୍ଥସାରଥି ନାୟକ,ଅଜୟ ପଣ୍ଡା, ରାଜେନ୍ଦ୍ର ଶତପଥି,ମନୋରଂଜନ ମହାନ୍ତି, ମୃତ୍ୟୁଜଂୟ ସେନାପତି, ରାଜୁ ଜେନା, କାଳିପଦ ରାୟ, ସୁଜୟ ପାକଳ, ରାଜେଶ ଦାସ, ସଂଜୀବ ନାୟକ, ଅମର ନାୟକ, ପିତାମ୍ବର ଦାସ, ମୁକ୍ତିକାନ୍ତ ନାୟକ, ସୌଜନ୍ୟ ପାଣିଗ୍ରାହୀ ପ୍ରମୁଖ ଖବରଦାତାମାନେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ ।

# କଷାଫଳ ପ୍ରାଥମିକ ବିଦ୍ୟାଳୟର ୧୦୦ ତମ ବାର୍ଷିକ ଉତ୍ସବ




ଲଙ୍ଗଳେଶ୍ୱର ୧୨/୧(ନିପ୍ର): ସଦର ବ୍ଲକ ଅନ୍ତର୍ଗତ କଷାଫଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ର ୧୦୦ ତମ ବାର୍ଷିକ ଉତ୍ସବ ଆଜି ଅପରାହ୍ନରେ ଉଦଯାପିତ ହୋଇଛି। ପୁରାତନ ଛାତ୍ର ଦେବବ୍ରତ କର ସଭାରେ ସଭାପତିତ୍ୱ କରିଥିଲେ ଏଥିରେ ମୁଖ୍ୟ ଅତିଥି ଭାବେ ଖଗେନ୍ଦ୍ର ନାଥ ପାଲ, ମୁଖ୍ୟ ବକ୍ତା ଭାବେ କାର୍ତ୍ତିକ ଚନ୍ଦ୍ର ଜେନା, ରବୀନ୍ଦ୍ର କୁମାର ମଣ୍ଡଳ, ଭରତ ଚନ୍ଦ୍ର ବେହେରା, ସୁଶାନ୍ତ ଶେଖର ବାଗ,ପ୍ରଭାସ ଚନ୍ଦ୍ର ମାନ୍ନା, ନିତ୍ୟାନନ୍ଦ ବେହେରା, ସିଆରସିସି ମଧୁସୂଦନ ମାଝୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ପ୍ରଦୀପ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିଲୀପ କୁମାର ପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଏଥିରେ ସ୍କୁଲ ପରିଚାଳନା କମିଟି ସଭାପତି ଅଜୟ କୁମାର ଦାସ,ଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ, ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁଷୋତ୍ତମପୁର ପଞ୍ଚାୟତରେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ



ବସ୍ତା , ୧୨/୧ (ନି.ପ୍ର): ଇଂରାଜୀ ନବ ବର୍ଷ ପାଳନ ଅବସରରେ ବସ୍ତା ବ୍ଲକ୍ ପୁରୁଷୋତ୍ତମପୁର ପଞ୍ଚାୟତର ସମିତି ସଭ୍ୟା ମିନତୀ ଦାସଙ୍କ ସରିଷା ସ୍ଥିତ ବାସଭବନରେ ମାତୃପିତୃ ପୂଜନ ସହିତ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ପ୍ରଧାନ ଶିକ୍ଷକ ତଥା ସମାଜସେବୀ କରୁଣାକର ଦାସଙ୍କ ଆବାହକତ୍ୱରେ ପଞ୍ଚାୟତର ୨୫୦ରୁ ଉର୍ଦ୍ଧ୍ୱ ବାପା ମାଆଙ୍କର ପଦସେବା ସହିତ ବନ୍ଦାପନା କରାଯାଇ ସ୍ନେହର ପ୍ରତୀକ ସ୍ୱରୂପ ଗୋଲାପ ଫୁଲ ଦିଆଯାଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି ମାତୃପିତୃ ପୂଜନ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ବର୍ଣ୍ଣନା କରିବା ଉଦ୍ଦେଶ୍ୟରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ସୁଶାନ୍ତ କୁମାର ପରିଡ଼ା, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରସନ୍ନ କୁମାର ଜେନା, ପ୍ରାଧ୍ୟାପକ ଜଗନ୍ନାଥ ସାହୁ, ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାନ୍ତି, ଶିକ୍ଷକ କ୍ଷେତ୍ରମୋହନ ପ୍ରଧାନ, ଅବସରପ୍ରାପ୍ତ ଏବିଇଓ ରାଧାମୋହନ ପ୍ରଧାନ,ପ୍ରମୋଥ ଘୋଷମହାପାତ୍ର, ଅଧାପକ ଚିତ୍ତରଞ୍ଜନ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ରହି ବାପା ଓ ମାଆ ଆମ ପାଇଁ ଯେ କେତେ ମୂଲ୍ୟବାନ ଏବଂ ଆଜିର ସମାଜରେ ବାପା ଓ ମାଆଙ୍କୁ କେମିତି ଅବହେଳିତ କରାଯାଉଛି ସେଥିନେଇ ଦିଗଦର୍ଶନ ମୂଳକ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ୯୦ଜଣରୁ ଉର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା ।ଦିଲ୍ଲୀପ ମହାନ୍ତି, ଲୋକନାଥ ପାଳ, ଅନୀଲ ବେହେରା, ତାରାକାନ୍ତ ସେନାପତି, ସନାତନ ପ୍ରଧାନ, ବିଭୂତି କୁଣ୍ଡ, ବିଜୟ ମହାନ୍ତି,ଦେବଦତ୍ତ ଜେନା,ସସ୍ମିତା ପାତ୍ର,ପ୍ରଦୀପ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବରଣ୍ଡୁଆ ପଞ୍ଚାୟତରେ ଗଡିଲା ଅର୍ପଣ ରଥ



ବାସୁଦେବପୁର, ୧୨/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ପଞ୍ଚାୟତର ମହାପ୍ରଭୁ ଜଗନ୍ନାଥ ମନ୍ଦିର ପାଖରେ ଅର୍ପଣ ରଥ ଗଡିବା ଅବସରରେ ରଥ କୁ ପୂଜା ପାଠ କରି ଉଦ୍ଘାଟନ କରାଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ । ଏସ ଡି ପି ଓ ସୌରଭ ଓତା, ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ, ବିଡ଼ିଓ ସଞ୍ଜୀବ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ସମସ୍ତ ଅତିଥି ମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ହରେକୃଷ୍ଣ ହରେରାମ, ଭଜନ କୀର୍ତ୍ତନ, ଜୟ ଜଗନ୍ନାଥ ଧ୍ୱନିରେ ଆଧାତ୍ମିକ ପରିବେଶ ପ୍ରକମ୍ପିତ ହୋଇ ଉଠି ଥିଲା । ରତାଙ୍ଗ ବରଣ୍ଡୁଆ ର ଅନେକ ମହିଳା ଆସି ଶଙ୍ଖ ଧ୍ୱନି ଦେଇଥିଲେ । ଗାଁ ର ପ୍ରତ୍ୟେକ ମହିଳା ଅରୁଆ ଚାଉଳ ଓ ଗୁଟା ଗୁଆ ସଂଗ୍ରହ କରିଥିଲେ । ଏଇ ଅବସରରେ ଅତିଥି ମାନେ ନଡ଼ିଆ ଫଟାଇଥିଲେ ଓ ବ୍ରାହ୍ମଣ ମନ୍ତ୍ର ପାଠ କରି ପୂଜା କରିଥିଲେ । ଦର୍ଶନ କରିଥିଲେ । ରାଜ୍ୟ ସରକାର ଓଡିଶାର ଲୋକପ୍ରିୟ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଏହି ଉଦ୍ୟମ କୁ ସମସ୍ତେ ପ୍ରଶଂସା କରିଥିଲେ । ଏହି ଉତ୍ସବ ରେ ଶିକ୍ଷାବିତ୍ ସୁରେନ୍ଦ୍ର ପ୍ରସାଦ ପାତ୍ର, ପୂର୍ବତନ ସରପଂଚ ସୂର୍ଯ୍ୟକାନ୍ତ ସେଠି, ଦୀପକ ପୋଇ,ପ୍ରଫୁଲ୍ଲ ପାଢ଼ୀ, ମହେଶ୍ୱର ନାୟକ, ସନ୍ତୋଷ ମହାନ୍ତି, ଗୌରାଙ୍ଗ ରାଉତ, ଅକ୍ଷୟ ମହାରଣା, ବନମାଳୀ ସାହୁ ଓ ବହୁ ଜନ ସାଧାରଣ, ମହିଳା ଯୋଗ ଦେଇଥିଲେ । ଏହି ଅର୍ପଣ ରଥ ରତାଂଗ ବରଣ୍ଡୁଆ ଗାଁ ପରିକ୍ରମା କରିଥିଲା । ସମସ୍ତ ଭକ୍ତ ଜୟ ଜଗନ୍ନାଥ ଧ୍ୱନି ଦେଇଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo